ବର୍ଷ-୨୫, ସଂଖ୍ୟା-୬୩
ଭୁବନେଶ୍ୱର
୦୫, ମାର୍ଚ୍ଚ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 63
Bhubaneswar
05, March, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଜି ଦ.ଆଫ୍ରିକା-ନ୍ୟୁଜିଲାଣ୍ଡ ମୁକାବିଲା

## ଚାମ୍ପିଅନ୍ସ ଟ୍ରଫି

# ଅଷ୍ଟ୍ରେଲିଆକୁ ଧୂଳି ଚଟାଇ ଫାଇନାଲରେ ଭାରତ

**ଦୁବାଇ,୪।୩(ମହାଭାରତ):** ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ପରାଜୟର ବଦ୍‌ଲା ସହ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି ଭାରତ। ଚେଜ୍ ମାଷ୍ଟର ବିରାଟ କୋହଲିଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ (୮୪)ବଳରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ପ୍ରଥମ ସେମି ଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ହରାଇଛି ଭାରତ। ଏଥିସହ ୨୦୧୩ ଓ ୨୦୧୭

### ଅଷ୍ଟ୍ରେଲିଆ-୨୬୪
### ଭାରତ-୨୬୭/୬

ପରେ ଭାରତ ଲଗାତାର ତୃତୀୟ ଥର ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ପ୍ରବେଶ କରିଛି। ମୋଟାମୋଟି ପଞ୍ଚମ ଥର ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପ୍ରବେଶ କରିଛି। ଭାରତ ୨୦୧୧ ଦିନିକିଆ ବିଶ୍ୱକପ୍ ନକଆଉଟ୍ ପରେ ଭାରତ ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆକୁ ହରାଇବାରେ ସଫଳ ହୋଇଛି।

ଅଷ୍ଟ୍ରେଲିଆ ଦ୍ୱାରା ଧାର୍ଯ୍ୟ ୨୬୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୪୮.୧ ଓଭରରେ ୬ ୱିକେଟ୍ ହରାଇ ଜିତି ନେଇଛି। ବିରାଟ କୋହଲି ୮୪ ରନର ଇନିଂସ ଖେଳି ଭାରତ ବିଜୟରେ ମୁଖ୍ୟ ବିଧାଣି ସାଜିଛନ୍ତି। ତାଙ୍କ ବ୍ୟତୀତ ଶ୍ରେୟସ ଆୟର ୪୫ ରନ କରିଥିବା ବେଳେ କେଏଲ ରାହୁଲ ୪୨ ରନର ଅପରାଜିତ ଉପଯୋଗୀ ଇନିଂସ ଖେଳି ବିଜୟ ସୂଚକ ଛକା ମାରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୨୮ ରନ କରିଛନ୍ତି।







ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ ସ୍ମିଥଙ୍କ ୭୩ ରନ ଓ ଆଲେକ୍ସ କେରିଙ୍କ ୬୧ ରନ ବଳରେ ୨୬୪ ରନ କରିଥିଲା। ଭାରତ ଏବେ ଦକ୍ଷିଣ ଆଫ୍ରିକା ବନାମ ନ୍ୟୁଜିଲାଣ୍ଡ ଦ୍ୱିତୀୟ ସେମି ଫାଇନାଲ୍‌ର ବିଜେତାକୁ ଫାଇନାଲ୍‌ରେ ଭେଟିବ।

୨୬୫ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତର ଦୁଇ ଓପନର ରୋହିତ ଶର୍ମା ଓ ଶୁଭମନ ଗିଲ୍ ପ୍ରଥମ ୱିକେଟ୍‌ରେ ୩୦ ରନ ଯୋଡ଼ିଥିଲେ ଗିଲ୍(୮) ନିରାଶ କରିଥିଲେ। ଅଧିନାୟକ ରୋହିତ ଶର୍ମା ପୁଣି ଥରେ ମିଳିଥିବା ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରି ପାରି ନ ଥିଲେ। ସେ ୨୯ ବଲରୁ ୩ ଚୌକା ଓ ୧ ଛକା ସହ ୨୮ ରନ କରିଥିଲେ। ୪୩ ରନରେ ଦୁଇ ଓପନର ଆଉଟ୍ ହେବା ପରେ ବିରାଟ କୋହଲି ଓ ଶ୍ରେୟସ ଆୟର ଜବରଦସ୍ତ ବ୍ୟାଟିଂ କରିଥିଲେ। ଉଭୟ ତୃତୀୟ ୱିକେଟ୍‌ରେ ୯୧ ରନ ଯୋଡ଼ି ଦଳର ବିଜୟ ପାଇଁ ମୂଳଦୁଆ ପକାଇଥିଲେ। ୧୩୪ ରନ ସ୍କୋରରେ ଶ୍ରେୟସ ଆୟର ବ୍ୟକ୍ତି ଗତ ୪୫ ରନର ଉପଯୋଗୀ ଇନିଂସ ଖେଳି ପାଭିଲିୟନ ଫେରିଥିଲେ। ଅନ୍ୟପଟେ ବିରାଟ କୋହଲି ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଥିଲେ ବିରାଟ କୋହଲି ଓ ଅକ୍ଷର ପଟେଲ୍ ଚତୁର୍ଥ ୱିକେଟ୍‌ରେ ୪୪ ରନ ଯୋଡ଼ିଥିଲେ। ଅକ୍ଷର ୨୭ ରନ କରି ପାଭିଲିୟନ ଫେରିଥିଲେ। ଭାରତ ବିଜୟ ଆଡ଼କୁ ଅଗ୍ରସର ହେଉଥିବାବେଳେ କୋହଲି ମଧ୍ୟ ଶତକ ଅଭିମୁଖେ ବଢୁଥିଲେ ହେଲେ। ବଡ଼ ସଟ୍ ଖେଳିବାକୁ ଯାଇ କୋହଲି ୮୪ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ମ୍ୟାଚ୍ ରୋମାଞ୍ଚକର ମୋଡ଼ ନେଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୩ ଛକା ଜରିଆରେ ବିସ୍ଫୋରକ ୨୮ ରନ କରି ଭାରତର ବିଜୟ ସୁନିଶ୍ଚିତ କରିଥିଲେ। କେଏଲ ରାହୁଲ ବିଜୟ ସୂଚକ ଛକା ମାରି ଭାରତକୁ ଜିତାଇଛନ୍ତି ସେ ୪୨ ରନ କରି ଅପରାଜିତ ଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆକୁ ତୃତୀୟ ଓଭରରେ ଝଟକା ଲାଗିଥିଲା। କୁପର କୋନୋଲି ଖାତା ଖୋଲି ପାରି ନ ଥିଲେ। ଟ୍ରେଭିସ ହେଡ୍ ପ୍ରଥମେ ସତର୍କତାର ସହ ବ୍ୟାଟିଂ କରିଥିଲେ କ୍ରିଜରେ ଜମିବା ପରେ ବଡ ସଟ୍ ଖେଳିଥିଲେ। ହେଡ୍ ଓ ଅଧିନାୟକ ଷ୍ଟିଭ ସ୍ମିଥ ଦ୍ୱିତୀୟ ୱିକେଟ୍ ପାଇଁ ୫୦ ରନ ଯୋଡ଼ିଥିଲେ ୫୪ ରନ ସ୍କୋରରେ ହେଡ୍‌ଙ୍କୁ ଆଉଟ୍ କରି ବରୁଣ ଚକ୍ରବର୍ତ୍ତୀ ଭାରତକୁ ବହୁତ ବଡ଼ ସଫଳତା ଦେଇଥିଲେ। ହେଡ୍ ୩୩ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୩୯ ରନ କରିଥିଲେ। ହେଡ୍ ଆଉଟ୍ ପରେ ସ୍ମିଥ ଓ ମାର୍ନସ ଲାବୁସେନ ଦଳର ଇନିଂସ ସମ୍ଭାଳିଥିଲେ। ଉଭୟ ରନ ଗତି ବଜାୟ ରଖି ତୃତୀୟ ୱିକେଟ୍ ପାଇଁ ୫୬ ରନ ଯୋଡ଼ିଥିଲେ। ଲାବୁସେନ ୨୯ ରନ କରି ରବୀନ୍ଦ୍ର ଜାଡେଜାଙ୍କ ବଲରେ ଏଲବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଜୋସ୍ ଇଙ୍ଗ୍ଲିଶ(୧୧) କ୍ରିଜରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଏହା ପରେ ସ୍ମିଥ ଓ ଆଲେକ୍ସ କେରି ପଞ୍ଚମ ୱିକେଟ୍‌ରେ ୫୪ ରନ ଯୋଡ଼ି ଦଳର ସ୍କୋରକୁ ୧୯୮ ରନରେ ପହଞ୍ଚାଇଥିଲେ। ସ୍ମିଥଙ୍କୁ କ୍ଲିନ ବୋଲ୍ଡ କରି ମହମ୍ମଦ ଶାମି ଭାରତକୁ ବଡ଼ ସଫଳତା ଦେଇଥିଲେ। କଙ୍ଗାରୁ ଅଧିନାୟକ ୭୩ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ନିମ୍ନକ୍ରମରେ ୱିକେଟ୍‌କିପର ବ୍ୟାଟର ଆଲେକ୍ସ କେରି ଦମଦାର ବ୍ୟାଟିଂ କରିଥିଲେ। ସେ ୫୭ ବଲ୍‌ରୁ ୮ ଚୌକା ଓ ୧ ଛକା ସହ ୬୧ ରନ କରିଥିଲେ ବେନ ଦ୍ୱାରସିସ୍ ୧୯ ରନର ଛୋଟ ଇନିଂସ ଖେଳିଥିଲେ। ଶେଷରେ ଅଷ୍ଟ୍ରେଲିଆ ୨୬୪ ରନରେ ଅଲଆଉଟ୍ ହୋଇଯାଇଥିଲା। ବୋଲିଂରେ ଭାରତ ପକ୍ଷରୁ ମହମ୍ମଦ ଶାମି ୧୦ ଓଭରରେ ୩ଟି ସଫଳତା ପାଇଛନ୍ତି ରବୀନ୍ଦ୍ର ଜାଡ଼େଜା ଓ ବରୁଣ ଚକ୍ରବର୍ତ୍ତୀ ୨ ଲେଖାଏଁ ୱିକେଟ୍ ନେଇଛନ୍ତି। ଅକ୍ଷର ପଟେଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଛି।

# ଆଜି ବିଜୁ ଜୟନ୍ତୀ : ନବୀନଙ୍କୁ ନିମନ୍ତ୍ରଣ କଲେ ମୋହନ

**ଭୁବନେଶ୍ୱର,୪।୩(ମହାଭାରତ):** ଆସନ୍ତାକାଲି ବିଜୁ ପଟ୍ଟନାୟକ ଜୟନ୍ତୀ ଉତ୍ସବରେ ଯୋଗ ଦେବାକୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ଜୟନ୍ତୀ ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେବାକୁ ଚିଠି ଲେଖି ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି ଆସନ୍ତା ମାର୍ଚ୍ଚ ୫ ତାରିଖ ଦିନ



ରାଜ୍ୟ ସରକାର ଓଡିଶାର ମହାନ୍ ବରପୁତ୍ର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଜୟନ୍ତୀ ମହାସମାରୋହରେ ପାଳନ କରୁଛନ୍ତି। ଏଥିପାଇଁ ସ୍ଥାନୀୟ ଜୟଦେବ ଭବନ ଠାରେ ୫ ତାରିଖ ସନ୍ଧ୍ୟା ୭ ଟା ସମୟରେ ଏକ ରାଜ୍ୟ ସ୍ତରୀୟ ସଭାର ଆୟୋଜନ କରାଯାଉଛି।ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ଯୋଗଦେବା ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି । ଆପଣଙ୍କ ଗରିମାମୟ ଉପସ୍ଥିତି ଏହି କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିବ।

ଆସନ୍ତାକାଲି ୫ ତାରିଖ (ବୁଧବାର) ରାଜ୍ୟର ସବୁ ସ୍କୁଲ, କଲେଜ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଣଶିକ୍ଷା ବିଭାଗ ସହିତ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଶ୍ୱବିଦ୍ୟାଳୟ ଓ କଲେଜ ଅଧ୍ୟକ୍ଷ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଗଣଶିକ୍ଷା ଓ ଉଚ୍ଚ ଶିକ୍ଷା ଅଧୀନରେ ଆସୁଥିବା ସମସ୍ତ ଶିକ୍ଷାନୁଷ୍ଠାନ ବୁଧବାର ଖୋଲା ରହିବ। ପୂର୍ବରୁ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିବା ବେଳେ ଏହି ଦିନଟି ସରକାରୀ ଛୁଟି ରହିଥିଲା।

## ଶାସକ-ବିରୋଧୀ ବାକ୍ ଯୁଦ୍ଧ

**ଭୁବନେଶ୍ୱର,୪।୩(ମହାଭାରତ):** ଆସନ୍ତାକାଲି ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ନକରିବାକୁ ନେଇ ଆଜି ରାଜ୍ୟ ରାଜନୀତି ସରଗରମ ହୋଇଛି। ଏହାକୁ ନେଇ ଶାସକ ଦଳ ବିଜେପିକୁ ବିରୋଧୀ ବିଜେଡି ଓ କଂଗ୍ରେସ ସମାଲୋଚନା କରିଛନ୍ତି। ବିଜେପି ଏହାର କଡା ଜବାବ ଦେଇଛି। ବିଜେଡି ରାଜ୍ୟ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ କରିବା ସହ ରାଜ୍ୟ ସରକାରଙ୍କୁ ଘେରିଛି।



ଆଜି ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ଦେବୀ ମିଶ୍ର କହିଛନ୍ତି ଯେ, ରାଜ୍ୟରେ ପଂଚାୟତିରାଜ ଦିବସ ଗତ ପ୍ରାୟ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିବା ବେଳେ, ରାଜ୍ୟ ସରକାର ଏହାକୁ ମାର୍ଚ୍ଚ ୫ରେ ନକରି ଏପ୍ରିଲ ୨୪ ତାରିଖରେ ପାଳନ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓ ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ପରିଚୟ। ମାର୍ଚ୍ଚ ୫ ତାରିଖରେ ବିଜୁ ବାବୁଙ୍କ ଜୟନ୍ତୀ ରାଜ୍ୟବ୍ୟାପୀ ବିଜେଡି ତରଫରୁ ପାଳିତ ହେବ ଓ ମାର୍ଚ୍ଚ ୬ ତାରିଖ ଦିନ ବିଜେଡି ତରଫରୁ ରାଜ୍ୟବ୍ୟାପୀ ପ୍ରତିବାଦ ସଭା ଆୟୋଜିତ ହେବ। ସେ କହିଛନ୍ତି ଯେ, ଦେଶରେ ପଂଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡିଶା ଅଗ୍ରଣୀ ରାଜ୍ୟର ଭୂମିକା ନିର୍ବାହ କରିଛି । ୧୯୯୧ ମସିହାରେ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ, ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ଲକ୍ଷ୍ୟରେ ଜିଲ୍ଲାପରିଷଦ, ପଂଚାୟତିରାଜ ଓ ପଂଚାୟତ ସମିତି ଗଠନ ପାଇଁ ଓଡିଶା ବିଧାନସଭାରେ ବିଲ୍ ପାରିତ ହୋଇଥିଲା। ଦେଶରେ ପଂଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡିଶା ଅଗ୍ରଗାମୀ ଭୂମିକା ନିର୍ବାହ କରିଥିବା ବେଳେ ଏହାର ପରବର୍ଷ ଅର୍ଥାତ ୧୯୯୨ ମସିହାରେ, ଦେଶର ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ଆଣି ଏହି ବ୍ୟବସ୍ଥାକୁ ପ୍ରାବଧାନ କରାଯାଇଥିଲା। ସଞ୍ଜୟ ଦାସବର୍ମା କହିଥିଲେ, ବର୍ତ୍ତମାନର ବିଜେପି ସରକାର ଏହି ନିଷ୍ପତ୍ତିକୁ ବଦଳେଇ ଦେଇ ଓଡ଼ିଶାର ଗୌରବକୁ କ୍ଷୁର୍ଣ୍ଣ କରିଛନ୍ତି । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ। ଅତନୁ ସବ୍ୟସାଚୀ ନାୟକ କହିଥିଲେ, ରାଜ୍ୟ ସରକାର କ୍ଷମତାକୁ ଆସିବା ଦିନଠାରୁ, ବିଜୁ ପଟ୍ଟନାୟକଙ୍କ କୃତୀକୁ ସୁଚିନ୍ତିତ ଉପାୟରେ ମଳିନ କରିବାକୁ ଅପଚେଷ୍ଟା କରୁଛନ୍ତି । ଉଦାହରଣ ସ୍ୱରୂ, ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସମ୍ମାନଜନକ ଆନ୍ତର୍ଜାତୀୟ କଳିଙ୍ଗ ପୁରସ୍କାରକୁ କେନ୍ଦ୍ର ସରକାର ଅନୁଦାନ ଦେବାକୁ ମନା କରିଦେବା ପରେ, ଏହା ବନ୍ଦ ହେବାକୁ ଯାଉଛି ।

ମାର୍ଚ୍ଚ ୫ ବିଜୁ ଜୟନ୍ତୀ ବଦଳରେ ଏପ୍ରିଲ ୨୪ରେ ପଂଚାୟତିରାଜ ଦିବସ ପାଳନ ନିଷ୍ପତ୍ତିକୁ କଂଗ୍ରେସ ଦୃଢ ନିନ୍ଦା କରିଛି। ନିଷ୍ପତ୍ତିକୁ ନିନ୍ଦା କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଓଡ଼ିଆ ଅସ୍ମିତା କହୁଥିବା ସରକାର ଓଡ଼ିଆ ଅସ୍ମିତା ଭୁଲିଗଲେ। ବିଜୁ ବାବୁଙ୍କ ସହ ବାଜପେୟୀଙ୍କ ସମ୍ପର୍କ ମଧ୍ୟ ବିଜେପି ଭୁଲିଯାଇଛି। ଆମେ ସରକାରଙ୍କ ନିଷ୍ପତିକୁ ନିନ୍ଦା କରୁଛୁ ।ବିରୋଧୀଙ୍କୁ କାଉଣ୍ଟର କରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜୁ ବାବୁ ଓଡ଼ିଶାର ବରପୁତ୍ର ଥିଲେ। କିନ୍ତୁ ସେ ବିଜେଡିର ସମ୍ପତ୍ତି ନଥିଲେ, ସେ ଜାତୀୟ ସମ୍ପତ୍ତି ଥିଲେ।

# ବାପା-ମା ଓ ଭଉଣୀକୁ ହତ୍ୟା କଲା ପୁଅ

**ଜଗତସିଂହପୁର,୪।୩(ମହାଭାରତ):** ଜଗତସିଂହପୁରରେ ଆଜି ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଛି। ଗଣ୍ଡଗୋଳ ପରେ ମାନସିକ ବିକୃତ ପୁଅ ନିଜ ବାପା, ମାଆ । ଓ ଭଉଣୀକୁ ହତ୍ୟା କରିଛି । ପୁଲିସ ଘଟଣାର ତଦନ୍ତ କରୁଛି ଏହି ଘଟଣା ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଦେଇଛି। ପୁଅ ହିଁ ବାପା, ମାଆଙ୍କ ଜୀବନ ନେବ ତାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି।

ସକାଳୁ ସକାଳୁ ଜଗତସିଂହପୁର ଜିଲ୍ଲା ସଦର ଥାନା ଜୟବଡ ଗାଁରେ ଏଭଳି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏହି ଗାଁର ପ୍ରଶାନ୍ତ ସେଠୀ, ତାଙ୍କ ସ୍ତ୍ରୀ କନକଲତା ଓ ଭଉଣୀ ମାମାଲିକୁ ଅତି ବୀଭତ୍ସ ଭାବେ ହତ୍ୟା କରିଛି ପୁଅ ସୂର୍ଯ୍ୟକାନ୍ତ। ସୂର୍ଯ୍ୟକାନ୍ତର ବୟସ ମାତ୍ର ୨୨ ବର୍ଷ। ପାଠସାରି ସେ ଘରେ ରହୁଥିଲା। ଗତକାଲି ରାତିରେ ବାପା, ମାଆ ଓ ଭଉଣୀକୁ ହତ୍ୟା କରିବା ପରେ ପଡିଶା ଘରର ଲୋକଙ୍କୁ ସବୁ କଥା କହିଥିଲା ଓ ଡ୍ରେସ ବଦଳାଇ ଫେରାର ହୋଇଯାଇଥିଲା। ସବୁଦିନେ ବାପା,ମାଆଙ୍କ ସହ ସୂର୍ଯ୍ୟକାନ୍ତର ଝଗଡା ଲାଗିରହୁଥିଲା।ଗତକାଲି ରାତିରେ ଗଣ୍ଡଗୋଳ ପରେ ଏଭଳି ଚରମ ପଦକ୍ଷେପ ନେଇଥିଲା ସୂର୍ଯ୍ୟ। ପୁଲିସ ଅଭିଯୁକ୍ତ ପୁଅକୁ ଗିରଫ କରି ପଚରାଉଚରା ପରେ ତଦନ୍ତ ଚଳାଇଛି। ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ। ତେବେ ସୂର୍ଯ୍ୟଙ୍କ ଭାଇଙ୍କ କହିବା କଥା ହେଲା, ସୂର୍ଯ୍ୟକାନ୍ତ କିଛିଦିନ ହେଲା ମୋବାଇଲ ଗେମ୍ ଖେଳୁଥିଲା। ତାର ମାନସିକ ବିକୃତି ଥିଲା। ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।ଅଭିଯୁକ୍ତ ମାନସିକ ରୋଗୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରଶାନ୍ତ ସେଠୀ ଜଗତସିଂହପୁର ବଜାରରେ ଲଣ୍ଡ୍ରିକାମ କରି ପରିବାର ଚଳାଉଥିଲେ।

# ୩୯ ଟପିଲା ତାତି

**ଭୁବନେଶ୍ୱର,୪।୩(ମହାଭାରତ):** ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଦ୍ୱାରା ପୂର୍ବାନୁମାନ ଅନୁଯାୟୀ, ଓଡ଼ିଶାରେ ସର୍ବାଧିକ ତାପମାତ୍ରା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ଆଜି ଏହା ପ୍ରଥମ ଥର ପାଇଁ ୩୯ ଡିଗ୍ରି ସେଲସିୟସ ଛୁଇଁଛି।

ପାଣିପାଗ ବିଭାଗ ଅନୁଯାୟୀ ମଙ୍ଗଳବାର ଝାରସୁଗୁଡାରେ ତାପମାତ୍ରା ୩୯ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି।ଚଳିତ ବର୍ଷ ଓଡ଼ିଶାରେ ତାପମାତ୍ରା ପ୍ରଥମ ଥର ପାଇଁ ୩୯ ଡିଗ୍ରି ସେଲସିୟସ ଛୁଇଁଛି । ସେହିପରି ବୌଦ୍ଧ ୩୮.୫ , ମାଲକାନଗିରି ୩୮.୪ , ଅନୁଗୁଳ ୩୭.୯, ସମ୍ବଲପୁର ୩୭.୮ , ପାରଳାଖେମୁଣ୍ଡି ୩୭.୮, ବଲାଙ୍ଗୀର ୩୭.୫, ହୀରାକୁଦ ୩୭.୧ ଟିଟିଲାଗଡ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୬.୪ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ କଟକରେ ତାପମାତ୍ରା ରହିଥିଲା ୩୪.୬ ଡିଗ୍ରୀ। ସେହିପରି, ଛଅଟି ସ୍ଥାନରେ ତାପମାତ୍ରା ୩୭ ସେଣ୍ଟିଗ୍ରେଡ୍ ଅତିକ୍ରମ କରିଛି। ଆଇଏମଡିର ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ପୂର୍ବାନୁମାନ କରିଛି ଯେ, ରାଜ୍ୟର ଅନେକ ଜିଲ୍ଲା ଯଥା ପୁରୀ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେଉଁଝର, ସମ୍ବଲପୁର, ବଲାଙ୍ଗୀର ଏବଂ ବୌଦ୍ଧରେ ଆଗାମୀ କିଛି ଦିନ ପାଇଁ ସାଧାରଣ ତାପମାତ୍ରାଠାରୁ ୨ ରୁ ୩ ଡିଗ୍ରୀ ସେଲସିୟସ ଅଧିକ ରହିବ।

# ରାଜା ଚକ୍ରଙ୍କ ସାମ୍ରାଜ୍ୟର ଛାନଭିନ୍

**ଭୁବନେଶ୍ୱର,୪।୩(ମହାଭାରତ):** ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି କୋ-ଅପରେଟିଭ୍ ସୋସାଇଟି ନାଁରେ କେମିତି ଦୁର୍ନୀତି ଚାଲିଥିଲା ତାର ଖୋଳତାଡ଼ ଚାଲିଛି। ଏହି ମାମଲାରେ ବିଜେଡି ନେତା ରାଜା ଚକ୍ରଙ୍କୁ ଇଓଡବ୍ଲ୍ୟୁ ୧୧ ଘଣ୍ଟା ଧରି ଝାଳବୁହା ଜେରା ପରେ କୋଟିକୋଟି ଟଙ୍କା କେଳେଙ୍କାରୀର ଗୁମର ଧରା ପଡିଯାଇଛି। ଏହାପରେ ତଦନ୍ତକୁ ଜୋରଦାର କରିଛି ଇଓଡବ୍ଲ୍ୟୁ। ଆଜି ୧୦ଟି ଠିକଣାରେ ଚଢ଼ାଉ କରି ଦୁର୍ନୀତିର ଚେର କେଉଁ ଯାଏ ଲମ୍ବିଛି ତାହା ଖୋଜୁଛନ୍ତି ତଦନ୍ତକାରୀ ଟିମ୍।

ପ୍ରଥମ ଦିନରେ କେଳେଙ୍କାରୀର ପ୍ରମାଣ ମିଳିବା ପରେ ଦ୍ୱିତୀୟ ଦିନରେ ରାଜାଙ୍କ ୧୦ଟି ଠିକଣାରେ ଚଢ଼ାଉ କରିଛି ଇଓଡବ୍ଲ୍ୟୁ ଓ ଏସଟିଏଫ। କେନ୍ଦୁଝରରେ ପରିବାର ଲୋକଙ୍କ ପଚରାଉଚୁରା କରିଛନ୍ତି। ସେଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପରିବହନରେ ବ୍ୟବହୃତ ୧୭ଟି ବଡ ଗାଡ଼ି, ଫର୍ଚ୍ୟୁନର କାର, ହାର୍ଲେ ଡାଭିଡସନ ଗାଡ଼ି ଜବତ



ହୋଇଛି। ତେବେ ଦୁର୍ନୀତିର ଏହି ଚେର ଯାଜପୁର ଦେଇ ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଛି ବୋଲି ଅଭିଯୋଗ କରିଛନ୍ତି ଖଣି କ୍ଷତିଗ୍ରସ୍ତ।

ସବୁଠୁ ବଡ଼କଥା ହେଉଛି, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ସଦସ୍ୟ ନଥାଇ ମଧ୍ୟ ରାଜାଙ୍କ ଆକାଉଣ୍ଟକୁ ଶତାଧିକ ଥର ଟଙ୍କା ଯାଇଥିବା ଜଣାପଡିଛି। ରାଜାଙ୍କ ଆକାଉଣ୍ଟରୁ ବି ୧୦ରୁ ଅଧିକ ବିଜେଡି ନେତାଙ୍କ ଆକାଉଣ୍ଟ କୋଟିକୋଟି ଟଙ୍କାର ଟ୍ରାଞ୍ଜାକ୍ସନ ହୋଇଛି। କିଏ କାହିଁକି ଓ କେମିତି ରାଜାଙ୍କଠାରୁ କୋଟି କୋଟି ଟଙ୍କା ନେଇଥିଲେ, ସେନେଇ ଖୋଳତାଡ଼ କରୁଛି ସ୍ୱତନ୍ତ୍ର ଟିମ୍। ଏହି ନେତାଙ୍କୁ ଖୁବଶୀଘ୍ର ଡାକିପାରନ୍ତି ତଦନ୍ତକାରୀ ସଂସ୍ଥା। ସେପଟେ ଦୁର୍ନୀତିରେ ଉବୁଟୁବୁ ହୋଇଥିବା ଏହି ସଂସ୍ଥା କେମିତି ଓ.ଏମ୍.ସି.କୁ ଜାଲ କାଗଜପତ୍ର ଦେଇ କାମ ହାତେଇ ଥିଲା, ସେନେଇ ଛାନଭିନ୍ ଆରମ୍ଭ ହୋଇଛି। ଯାହାକୁ ନେଇ ଓ.ଏମ୍.ସି.କୁ ତଥ୍ୟ ମାଗିଛି କ୍ରାଇମବ୍ରାଞ୍ଚ ଲୋଡିଂ। ଏଜେନ୍ସିଠାରୁ ଜାଲ ଡକ୍ୟୁମେଣ୍ଟ ନେଇ କାମ ଦେଇଥିବା ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବ ତଦନ୍ତକାରୀ ସଂସ୍ଥା।

# ୟୁକ୍ରେନକୁ ସାମରିକ ସହାୟତା ବନ୍ଦ କଲେ ଟ୍ରମ୍ପ

**ନୂଆଦିଲ୍ଲୀ,୪।୩:** ହ୍ୱାଇଟ ହାଉସରେ ଟ୍ରମ୍ପ ଓ ଜେଲେନସ୍କିଙ୍କ ମଧ୍ୟରେ ଘଟିଥିବା ତୁ ତୁ ମେଁ ମେଁ ସାରା ବିଶ୍ୱରେ ଚର୍ଚ୍ଚିତ ଖବର ପାଲଟିଥିଲା। ଆଉ ଏହି ଆଶଙ୍କା ମଧ୍ୟ କରାଯାଉଥିଲା କି ହୁଏତ କିଛି ବଡ ପଦକ୍ଷେପ ଗ୍ରହଣ କରିପାରନ୍ତି ଆମେରିକା ରାଷ୍ଟ୍ରପତି। ଏନେଇ ଟ୍ରମ୍ପ ବି 'ବୋମା' ଇସାରା ଦେଇଥିଲେ। ୪୮ ଘଣ୍ଟା ନ ପୁରୁଣୁ ଟ୍ରମ୍ପ ପ୍ରଶାସନର ଘୋଷଣା ୟୁକ୍ରେନକୁ ଚିନ୍ତାରେ ପକାଇଛି। ୟୁକ୍ରେନ ପ୍ରତି ଆମେରିକାର ସରକାରଙ୍କ ଆଭିମୁଖ୍ୟକୁ ନେଇ ସବୁଠି ଚର୍ଚ୍ଚା। ତତକାଳୀନ ବାଇଡେନ ସରକାର ରୁଷକୁ ବିରୋଧ ଓ ୟୁକ୍ରେନକୁ ପୂର୍ଣ୍ଣ ସମର୍ଥନ ଜଣାଇ ଆସୁଥିବାବେଳେ ଏବେ କ୍ରମଶଃ ଚିତ୍ର ବଦଳୁଛି ଯୁଦ୍ଧ ପାଇଁ ବାଇଡେନ ସରକାର ଯେଉଁ ସାମରିକ ସହାୟତା କରିଆସୁଥିଲେ ତାକୁ ରୋକିଛନ୍ତି କରିଛନ୍ତି ଟ୍ରମ୍ପ ସରକାର। ସୋମବାର ଏନେଇ ପେଣ୍ଟାଗନ ପକ୍ଷରୁ ସୂଚନା ଦିଆଯାଇଛ। ଆମେରିକା କହିଛି ଦୁନିଆ ଆଉ ଯୁଦ୍ଧ ଚାହୁଁନି।ଏହା ବନ୍ଦ ହେବା ଜରୁରୀ। ଯେଉଁ ପର୍ଯ୍ୟନ୍ତ ୟୁକ୍ରେନ ରୁଷ ସହ ଶାନ୍ତି ଆଲୋଚନା ପାଇଁ ରାଜି ହେବନି ସେ ପର୍ଯ୍ୟନ୍ତ କୌଣସି ସହାୟତା କରିବନି ଆମେରିକା। ଗୋଟେ ପଟେ ୟୁକ୍ରେନକୁ ଝଟକା ଅନ୍ୟପଟେ ରୁଷ ପାଇଁ ଆଶ୍ୱସ୍ତି ଆଣିଛନ୍ତି । ତତକାଳୀନ ବାଇଡେନ ସରକାର ରୁଷ ଉପରେ ଯେଉଁ ସବୁ ପ୍ରତିବନ୍ଧକ ଲଗାଥିଲେ ତାକୁ ହଟାଇବାକୁ ନିଷ୍ପତ୍ତି ନେଇଛି ଆମେରିକା । ୟୁକ୍ରେନ ବିରୋଧରେ ଯୁଦ୍ଧକୁ ବିରୋଧ କରି ପୂର୍ବ ଆମେରିକା ସରକାର ରୁଷର ଅନେକ କମ୍ପାନୀ ଉପରେ କଟକଣା ଲଗାଇବା ସହ କିଛି ବଡ ନିଷ୍ପତ୍ତି ନେଇଥିଲେ ଯାହାକୁ କୋହଳ କରିବାକୁ ଯାଉଛନ୍ତି ଟ୍ରମ୍ପ । ନିକଟରେ ଓଭାଲ ଅଫିସରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ଯାଇଥିଲେ ୟୁକ୍ରେନ ରାଷ୍ଟ୍ରପତି । ଆଶା କରାଯାଉଥିଲା ଉଭୟ ରାଷ୍ଟ୍ରନେତାଙ୍କ ମଧ୍ୟରେ ସଫଳ



ବୈଠକ ହେବ ଓ ଯୁଦ୍ଧ ବନ୍ଦ ପାଇଁ ନୂଆ ବାଟ ଫିଟିବ । କିନ୍ତୁ ଘଟିଲା କିଛି ଅଲଗା । ଟ୍ରମ୍ପ ଓ ଜେଲେନସ୍କିଙ୍କ ମଧ୍ୟରେ କଥାକଟାକଟି ଉଭୟ ଦେଶର କୁଟନୀତି ସମ୍ପର୍କକୁ ନୂଆ ମୋଡ ଦେଇଛି। ଯାହାର ପରିଣାମ ସ୍ୱରୂପ ଏବେ ରୁଷର ନିକଟତର ହେବା ସହ ୟୁକ୍ରେନଠୁ ଦୂରେଇବାରେ ଲାଗିଛି ଆମେରିକା।

## ଚୁଡ଼ା ଖିରୀ



ଆବଶ୍ୟକ ସାମଗ୍ରୀ: ଚୁଡ଼ା,କ୍ଷୀର,ଚିନି,ମିଲ୍କମେଡ଼,ନଡ଼ିଆ କୋରା,ଗୁଜୁରାତି,କାଜୁ-କିସମିସ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଡ଼ାକୁ ପାଣିରେ ଭଲ ଭାବେ ଧୋଇ ଚିପୁଡ଼ି ଏକ ମାତ୍ରରେ ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡ଼ାକୁ ପକାଇ ହାଲକା ଭାଜନ୍ତୁ। ଚୁଡ଼ା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟକୁ କାଢି ଦିଅନ୍ତୁ।

ଏବେ କଡ଼େଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜ,କିସମିସ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ। ଏହା ପରେ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ। କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡ଼ା ପକାନ୍ତୁ। ଚୁଡ଼ା ଟିକେ ଫୁଲି ଖୋଲି ଗଲା ପରେ ଏଥିରେ ଚିନି,ମିଲ୍କ ମେଡ଼,ନଡ଼ିଆ କୋରା ଓ ଭଜା କାଜୁ-କିସମିସ ପକାଇ ଫୁଟାନ୍ତୁ। କ୍ଷୀର ଓ ଚୁଡ଼ା ମିଶି ଖିରି ଭଳି ହୋଇଗଲେ ଏହାକୁ ଚୁଲିରୁ ଓହ୍ଲାଇଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଚୁଡ଼ା ଖିରୀ' ।

ଖବର

# ତଥାକଥିତ ପ୍ରେମିକଙ୍କ ସହ ପୁଣି ନଜର ଆସିଲେ ଶ୍ରଦ୍ଧା



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର୍ କିଛି ନା କିଛି କାରଣକୁ ନେଇ କିଛି ଦିନ ବ୍ୟବଧାନରେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ସେ ତାଙ୍କ ପ୍ରେମିକଙ୍କ ସହ ମ୍ୟାଚିଂ ପୋଷାକ ପିନ୍ଧି ଚର୍ଚ୍ଚାରେ ରହିଛନ୍ତି।ସେ ଦୁଇ ଜଣଙ୍କୁ ସମାନ ରଂଗର ପୋଷାକରେ ଦେଖି ପ୍ରଶଂସକମାନେ ପଚାରିବାରେ ଲାଗିଛନ୍ତି କି ବିବାହ କେବେ ? ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ନାମ ଅନେକ ଦିନ ହେବ ସିନେମା ଲେଖକ ରାହୁଲ ମୋଦୀଙ୍କ ସହ ଯୋଡ଼ି ହୋଇଛି। ଦୁଇ ଜଣ ପରସ୍ପରଙ୍କୁ ଡେଟିଂ କରୁଛନ୍ତି ବୋଲି ଅନେକ ଦିନ ହେବ ଚର୍ଚ୍ଚା ହେଉଛି। ଶ୍ରଦ୍ଧା ଅଧିକାଂଶ ସମୟରେ ତାଙ୍କ ତଥାକଥିତ ପ୍ରେମିକଙ୍କ ସହ ନଜର ଆସିଥାନ୍ତି। ନିକଟରେ ପୁଣି ଥରେ ତାଙ୍କୁ ରାହୁଲଙ୍କ ସହ ଦେଖିବାକୁ ମିଳିଛିଯ଼ ଦୁହେଁ ଧଳା ରଂଗର ପୋଷାକ ପିନ୍ଧି ପରସ୍ପରଙ୍କ ସହ ଟୁଇନିଂ କରିଛନ୍ତି। ରାହୁଲ ଓ ଶ୍ରଦ୍ଧାଙ୍କୁ ଗେଟ୍ ଓ୍ୱେ ଅଫ୍ ଇଣ୍ଡିଆରେ ଦେଖିବାକୁ ମିଳିଛି। ରାହୁଲ ଓ ଶ୍ରଦ୍ଧା ଦୁହେଁ ହସି ହସି ଚାଲି ଚାଲି ଆସୁଥିବାର ଦେଖିବାକୁ ମିଳିଛ।

## ବାସ୍ତୁ ଉପଯୋଗୀ ବୃକ୍ଷ



☐ ଘର ବଗିଚାରେ ଅଶ୍ୱତଥ, ବବୁଲ୍ ଭଳି ଗଛ ଲଗାଇବା ଉଚିତ୍ ନୁହେଁ । ଏହି ଗଛ ଥିଲେ ଘରେ ସବୁବେଳେ ଆଶାନ୍ତି ଲାଗି ରହିଥାଏ ।

☐ଗୋଲାପ, ଚମ୍ପା, ଯୁଇ୍ ଆଦି ଘର ଭିତରେ ଲଗାଯାଇପାରିବ । ମାତ୍ର ଲାଲ୍ ଗେଣ୍ଡୁ ଓ କଳା ଗୋଲାପ ଥିଲେ ଚିନ୍ତା ଏବଂ ଶୋକ ବୃଦ୍ଧି ହୋଇଥାଏ ।

☐ ପଢ଼ାଘରେ ଧଳା ଫୁଲ ଥିବା ଗଛ ରହିଲେ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ । ଅଧ୍ୟୟନ କକ୍ଷର ପୂର୍ବ ଏବଂ ଦକ୍ଷିଣ ଦିଗରେ କୁଣ୍ଡ ରଖିବା ଉଚିତ।

☐ ରୋଷେଇ ଘର ବଡ଼ ହୋଇଥିଲେ ପୋଦିନା, ଧନିଆ, ଲଙ୍କା ଆଦି ଛୋଟ ଛୋଟ ବୃକ୍ଷ କୁଣ୍ଡରେ ଲଗାଇ ରଖିହେବ । ବାସ୍ତୁ ନିୟମ ଅନୁଯାୟୀ ଏଭଳି ବୃକ୍ଷ ଥିଲେ ରୋଷେଇ ଘରେ କେବେ ପିମ୍ପୁଡ଼ି ଏବଂ ମାଛିଙ୍କ ଉପଦ୍ରବ ଦେଖାଯାଇ ନଥାଏ ।

# ମଧୁମେହ ରୋଗୀଙ୍କ ପାଇଁ ହଳଦୀ



ଆଜିକାଲି ପ୍ରାୟ ଲୋକ ମଧୁମେହ ରୋଗରେ ଆକ୍ରାନ୍ତ। ମଧୁମେହ ପାଇଁ ରକ୍ତରେ ସୁଗାର ସ୍ତର ଅନିୟନ୍ତ୍ରିତ ହୋଇଯାଏ, ଯାହାକୁ ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ ତେବେ ଏହାର ସମାଧାନ ରହିଛି ଆପଣଙ୍କ ରୋଷେଇ ଘରେ। ଆଜି ଜାଣିବା ଆମେ ପ୍ରତିଦିନ ବ୍ୟବହାର କରୁଥିବା ସେହି ଗୋଟିଏ ସାମଗ୍ରୀ ବିଷୟରେ ଯାହାର ଅନେକ ଗୁଣବତ୍ତା ରହିଛି। ଆପଣ ଏହି ଘରୋଇ ଉପଚାରକୁ ବ୍ୟବହାର କରି ରକ୍ତରେ ସୁଗାରର ମାତ୍ରା ନିୟନ୍ତ୍ରଣ କରିପାରିବେ। ଅନେକ ରୋଗର ଉପଶମ ହଳଦୀ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାଠାରୁ ଆରମ୍ଭ କରି ଖାଦ୍ୟର ରୁଚି ବଢ଼ାଇବା ପର୍ଯ୍ୟନ୍ତ ସମସ୍ତ ଗୁଣର ଅଧିକାରୀ ହେଉଛି ହଳଦୀ। ଏଣୁ ଭାରତୀୟ ଖାଦ୍ୟ ପ୍ରଣାଳୀରେ କାହିଁ ଆବାହମାନ କାଳରୁ ହଳଦୀର ବ୍ୟବହାର ରହିଆସିଛି। ତେବେ ଏହା ମଧୁମେହ ରୋଗୀଙ୍କ ପାଇଁ ମଧ ବେଶ ଉପକାରୀୟ ଖାଦ୍ୟରେ ଅଧିକ ହଳଦୀ ସାମିଲ କରିବା ଦ୍ୱାରା ଏହା ରକ୍ତରେ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ। ସ୍କ୍ରାଚ୍ ମାର୍କ, କୁଣ୍ଡିଆ, କ୍ଷତ ଆଦି ସମସ୍ୟା ପାଇଁ ଶତାବ୍ଦୀ ଧରି ହଳଦୀ ବ୍ୟବହୃତ ହୋଇଆସୁଛି । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ସେହିପରି ଏହାର ଆଣ୍ଟିଇନଫ୍ଲାମେଟୋରୀ ଗୁଣ ମଧ ରହିଛି, ଯାହା ଶରୀରରେ ଇନସୁଲିନ୍ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ ତେବେ ଆପଣ ଜାଣିବା ନିହାତି ଆବଶ୍ୟକ ଯେ, ଯେତେବେଳେ ଆପଣଙ୍କ ଶରୀରରେ ଅଧିକ ଇନସୁଲିନ୍ ଥାଏ, ସେତେବେଳେ ରକ୍ତରେ ସୁଗାର ସ୍ତର କମିଯାଏ ।

# ସଫଳ ହୁଏ ବିଦ୍ୱାନ ବ୍ୟକ୍ତି



ଶପିତାମହ ଭୀଷ୍ମ ମୃତ୍ୟୁ ପୂର୍ବରୁ ପାଣ୍ଡୁପୁତ୍ର ଯୁଧିଷ୍ଠିରଙ୍କୁ ଅନେକ ନୀତିଶିକ୍ଷା ଦେଇଥିଲେ । ଯାହା ମହାଭାରତର ଶାନ୍ତି ପର୍ବରେ ଉଲ୍ଲେଖ ରହିଛି । ଏଥିରେ ତିନି ଜଣ ଏପରି ଲୋକଙ୍କ କଥା କୁହାଯାଇଛି, ଯେଉଁମାନେ କୌଣସି ଜଟିଳ ପରିସ୍ଥିତିକୁ ସରଳତାର ସହ ମୁକାବିଲା କରିପାରିବେ । ଏହି ତିନି ଜଣ ବ୍ୟକ୍ତି ହେଲେ ବୁଦ୍ଧିମାନ, ବିଦ୍ୱାନ ଏବଂ ନୀତିଶାସ୍ତ୍ରରେ ନିପୁଣ । ଏହି ତିନି ଜଣ ବ୍ୟକ୍ତି ଜୀବନରେ ଆସୁଥିବା କୌଣସି ପ୍ରକାରର ବିପତ୍ତିକୁ ସହ୍ୟ କରିପାରିବେ । ଥରେ ପାଣ୍ଡବମାନେ ବନବାସ ଯାଇଥିବା ସମୟରେ ଧର୍ମରାଜ ଯମ ନିଜ ପୁତ୍ର ଯୁଧିଷ୍ଠିରଙ୍କ ପରୀକ୍ଷା ନେବାକୁ ଚାହିଁଲେ । ତେଣୁ ସେ ଯକ୍ଷ ରୂପ ଧାରଣ କଲେ । ଜଣ ଜଣ କରି ସମସ୍ତ ପାଣ୍ଡବଙ୍କୁ ଏକ ସରୋବର ନିକଟକୁ ଅପହରଣ କରିନେଇ ଅଦୃଶ୍ୟ କରିଦେଲେ। ଶେଷରେ ଯୁଧିଷ୍ଠିର ଆସିଲେ । ସେ ଆସି ପହଞ୍ଚି ଦେଖିଲେ ଯେ ତାଙ୍କ ୪ ଭାଇଙ୍କ ମୃତଦେହ ପୋଖରୀ କୂଳରେ ପଡ଼ିଛି । ଯୁଧିଷ୍ଠିର ଯକ୍ଷଙ୍କ ସହ ଆଲୋଚନା କଲେ। ଯକ୍ଷ ତାଙ୍କୁ କେତେକ ପ୍ରଶ୍ନ ପଚାରିଲେ। ସବୁ ପ୍ରଶ୍ନର ଉତ୍ତର ଦେଇସାରିବା ପରେ ଯୁଧିଷ୍ଠିର ନିଜ ଭାଇମାନଙ୍କୁ ଜୀବିତ କରିଦେବା ଲାଗି ଅନୁରୋଧ କଲେ। ଧର୍ମରାଜ କହିଲେ, ମୁଁ ତୁମର ଗୋଟିଏ ଭାଇଙ୍କୁ ଜୀବିତ କରିଦେଇପାରେ । ଯୁଧିଷ୍ଠିର କହିଲେ, ତା'ହେଲେ ନକୁଳ କିମ୍ୱା ସହଦେବଙ୍କ ମଧ୍ୟରୁ ଜଣକୁ କାହାକୁ ଜୀବିତ କରିଦିଅନ୍ତୁ । କାରଣ ଭୀମ ଏବଂ ଅର୍ଜୁନ ମାତା କୁନ୍ତୀଙ୍କ ପୁତ୍ର। ନକୁଳ ଏବଂ ସହଦେବ ମାତା ମାଦ୍ରୀଙ୍କ ପୁତ୍ର । ମୁଁ କୁନ୍ତୀ ମାତାଙ୍କ ଜଣେ ପୁତ୍ର ଭାବେ ଜୀବିତ ଅଛି, ତେଣୁ ଆପଣ ମାଦ୍ରୀଙ୍କ ପୁତ୍ରଙ୍କୁ ଜୀବିତ କରିଦିଅନ୍ତୁ । ଯୁଧିଷ୍ଠିରଙ୍କ ଏହି ବୁଦ୍ଧିମାନ ଭର ବାଣୀ ଶୁଣି ଯକ୍ଷ ତାଙ୍କର ସବୁ ଭାଇଙ୍କୁ ମୁକ୍ତ କରିଦେଇଥିଲେ । ଦୁର୍ଯ୍ୟୋଧନ ଜନ୍ମ ନେବା ସମୟରେ ଚତୁର୍ଦ୍ଦିଗରେ ବିଭିନ୍ନ ଅଘଟଣ ଘଟିବାକୁ ଲାଗିଲେ । ବିଲୁଆ ରୋଦନ କରିବାକୁ ଲାଗିଲା । ମହାମନ୍ତ୍ରୀ ବିଦୁର ମହାବିଦ୍ୱାନ ତଥା ଶାସ୍ତ୍ରଜ୍ଞାନୀ ଥିଲେ । ତେଣୁ ଦୁର୍ଯ୍ୟୋଧନ ଭଳି ଏକ ଅଶୁଭ ପୁତ୍ରକୁ ତ୍ୟାଗ କରିବା ଲାଗି ସେ ରାଜା ଧୃତରାଷ୍ଟ୍ରଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ପୁତ୍ର ମୋହରେ ଧୃତରାଷ୍ଟ ନୀତିଜ୍ଞ ବିଦୁରଙ୍କ କଥା ମାନିଲେ ନାହିଁ । ଏହି କାରଣରୁ କୁରୁବଂଶ ଧ୍ୱଂସ ହୋଇଗଲା। ପାଣ୍ଡବମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବିଦ୍ୱାନଙ୍କ ଶରଣରେ ଥିଲେ । ଭଗବାନ ଯେଉଁସ୍ଥାନରେ ଥିଲେ ସେଠାରେ ଧର୍ମ ରହିଥିଲା। ଆଜୀବନ ପାଣ୍ଡବମାନେ କୌଣସି ସଂକଟରେ ପଡୁଥିଲେ, ଶ୍ରୀକୃଷ୍ଣ ସେମାନଙ୍କର ସହାୟତା କରିଥିଲେ । କୃଷ୍ଣଙ୍କ ମାର୍ଗଦର୍ଶନ ପାଇ ପାଣ୍ଡବମାନେ ମହାଭାରତ ଭଳି ମହାଯୁଦ୍ଧରେ ବିଜୟୀ ହୋଇଥିଲେ । ତେଣୁ ବିଦ୍ୱାନ ବ୍ୟକ୍ତି ଜୀବନର ସମସ୍ତ କାର୍ଯ୍ୟରେ ସଫଳତା ଲାଭ କରିଥାଏ ।

# ସୁନ୍ଦର ତ୍ୱଚର ରହସ୍ୟ ଡାଳିମ୍ୱ ଚୋପା,ବାଦାମ

ଫଳ ଖାଇବା ତ୍ୱଚ ପାଇଁ ଖୁବ ହିତକାରକ ବୋଲି ଶୁଣିଥିବେ। ବିଭିନ୍ନ ଫଳ ମଧ୍ୟରୁ ଡ଼ାଳିମ୍ବ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହାକୁ ଖାଇବା ପରେ ଆମେ ସାଧାରଣତଃ ଏହାର ଚୋପାକୁ ପକାଇ



ଦେଇଥାଉ। ମାତ୍ର ଏହି ଚୋପା ତ୍ୱଚର ସୁନ୍ଦରତାକୁ ଯେ ଦ୍ୱିଗୁଣିତ କରି ଦିଏ, ତାହା ହୁଏତ ଆପଣ ଜାଣି ନଥିବେ। ଜାଣନ୍ତୁ ଏହା ବିଷୟରେ...

ଡ଼ାଳିମ୍ବ ଚୋପାର ମାସ୍କ ଲଗାଇବା ଦ୍ୱାରା ମୁହଁର ବ୍ରଣ ସମସ୍ୟା ମଧ ଦୂର ହୋଇଥାଏ। ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିଥାଏ।

ଡ଼ାଳିମ୍ବର ଚୋପାରେ ବହୁ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଭରପୁର ମାତ୍ରାରେ ରହିଛି। ଏହାର ଚୋପାର ଫେସ ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିପାରିବା। ଏହି ଫେସ ପ୍ୟାକ ପ୍ରସ୍ତୁତ କରିବା ପାଇଁ ଡ଼ାଳିମ୍ବର ଚୋପାକୁ ଶୁଖାଇ ଏହାର ଗୁଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ଗୁଣ୍ଡରେ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ।

ତ୍ୱଚରେ ଥିବା ବିଭିନ୍ନ ଦାଗକୁ ଦୂର କରିବା ପାଇଁ ଡାଳିମ୍ବର ମଞ୍ଜିକୁ ଭଲ ଭାବେ ପେଷି ଦିଅନ୍ତୁ। ପେଷିବା ପରେ ଏଥିରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ଯାଏଁ ଛାଡ଼ି ଦିଅନ୍ତୁ। ଶୁଖିବା ପରେ ମୁହଁକୁ ଧୋଇ ଦିଅନ୍ତୁ।

ତିନୋଟି ବାଦାମ କ୍ଷୀରରେ ପକାଇ ଭିଜେଇ ଦିଅନ୍ତୁ। ବାଦାମ ଫୁଲି ଗଲା ପରେ ତାକୁ ଭଲ ଭାବରେ ପେଶି ରାତିରେ ଶୋଇବା ପୂର୍ବରୁ ମୁହଁରେ ଲଗାନ୍ତୁ। ସକାଳେ ଉଠି ମୁହଁ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ତ୍ୱଚର ଚମକ ବଜାୟ ରହିଥାଏ।

# କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କ ସାମଗ୍ରିକ ବିକାଶ ଆମର ପ୍ରାଥମିକତା

**ଭୁବନେଶ୍ୱର,୪।୩ (ମହାଭାରତ):** ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ଓ ଯୁବସେବା ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଗାମୀ ଦିନରେ ବ୍ଲକ ସ୍ତରରେ ନିର୍ମାଣ ହେବାକୁ ଥିବା ଷ୍ଟାଡିୟମ ସମ୍ବନ୍ଧୀୟ ମାଷ୍ଟର ପ୍ଲାନର ସମୀକ୍ଷା କରିବା ସହିତ ତୃଣମୂଳ ସ୍ତରରେ କିପରି କ୍ରୀଡ଼ାର ବିକାଶ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରିଥିଲେ।



କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ବ୍ଲକସ୍ତରରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ୪୧୨୪ କୋଟି ଟଙ୍କାର ବ୍ୟୟ ଅଟକଳ ସ୍ଥିର କରାଯାଇଛି। ଓଡ଼ିଶାର ପ୍ରତିଟି ବ୍ଲକରେ, ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ସେ ଲକ୍ଷ୍ୟ ନେଇ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା କରାଯାଇଛି। ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ହେଉଛି ଆମର ପ୍ରାଥମିକତା। କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା, କ୍ରୀଡ଼ା ପ୍ରତିଭାର ବିକାଶ କରିବା ସହିତ କ୍ରୀଡ଼ାବିତମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ଉପରେ ଆମେ ଗୁରୁତ୍ୱାରୋପ କରୁଛୁ। ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ସିଏମ-ଟ୍ରଫି ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଛି। ନିକଟ ଅତୀତରେ କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ ହକି ପ୍ରୋ ଲିଗ ଭଳି ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ମଧ୍ୟ ସଫଳ ଭାବରେ କରାଯାଇଛି। ଚଳିତ ବର୍ଷ ନ୍ୟାସନାଲ ଗେମ୍ସରେ ଓଡ଼ିଶାର କ୍ରୀଡ଼ାବିତମାନେ ଭଲ ପ୍ରଦର୍ଶନ କରିବା ସହିତ ନ୍ୟାସନାଲ ଗେମ୍ସରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୧୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ଆଗାମୀ ଦିନରେ ଓଡ଼ିଶାର କ୍ରୀଡ଼ାବିତମାନେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା କ୍ରୀଡ଼ା ପ୍ରତିଯୋଗିତାରେ ପଦକ ଜିତି ଯେପରି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିବେ ତାହା ଲକ୍ଷ୍ୟ ରହିଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏଥିସହିତ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକୁ ସୁରୁରୁ ଏବଂ ତ୍ୱରାନ୍ୱିତ ଭାବେ ସମ୍ପାଦନ କରିବା ପାଇଁ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

# ସ୍ୱରାଜ ଆଶ୍ରମ, ଜାନକୀନାଥ ଭବନ ଓ ମଧୁବାବୁଙ୍କ ଜନ୍ମସ୍ଥାନ ଗସ୍ତ କଲେ ପିସିସି ସଭାପତି

**ଭୁବନେଶ୍ୱର,୪।୩ (ମହାଭାରତ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ସୋମବାର କଟକ ସହର ଗସ୍ତ ଅବସରରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ପ୍ରଥମେ ଖପୁରିଆ ଛକରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମେ ସେ ସ୍ୱରାଜ ଆଶ୍ରମରେ ପଂହଚିଥିଲେ। ସେଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ଭାଗିରଥି ମହାପାତ୍ର ପ୍ରମୁଖ ସ୍ୱାଧୀନତା ସଂଗ୍ରାମର ମହାନାୟକ ମାନଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହାପରେ ପିସିସି ସଭାପତି ଦୈନିକ ଓଡ଼ିଆ ସମ୍ବାଦପତ୍ର ସମାଜର ମୁଖ୍ୟ କାର୍ଯ୍ୟାଳୟ ଗସ୍ତକରି ସେଠାରେ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ତଥା ସମଜାର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଦାସ, ସମାଜର ପୂର୍ବତନ ସମ୍ପାଦକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଧାନାଥ ରଥ ଏବଂ ଅନ୍ୟ ରାଷ୍ଟ୍ରନାୟକଙ୍କ ପ୍ରତିମୂର୍ତ୍ତି ଓ ପ୍ରତିକୃତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହାପରେ ଅତୁଳ୍ୟ ରାଷ୍ଟ୍ରଭକ୍ତ




ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଓଡ଼ିଆବଜାର ସ୍ଥିତ ଜନ୍ମସ୍ଥାନ ଜାନକୀନାଥ ଭବନ ଗସ୍ତକରି ସେଠାରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଟକର ଆରାଧ୍ୟା ଦେବୀ ମା' କଟକଚଣ୍ଡୀ ମନ୍ଦିର ଗସ୍ତକରି ସେଠାରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ପିସିସି ସଭାପତି ଦୈନିକ ସମ୍ବାଦପତ୍ର ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଗସ୍ତକରି ସେଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ପିସିସି ସଭାପତି ଓ ମହାନ ସ୍ୱାଧନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ କଟକ ପ୍ରେସଛକ ଠାରେ ମଧ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ପିସିସି ସଭାପତି ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଗସ୍ତ କରିବାସମୟରେ ଜଗତପୁର ଗୋଳେଇ ଛକ, ପୀରବଜାର ସ୍ଥିତ ସାଲେପୁର କଂଗ୍ରେସ କାର୍ଯ୍ୟାଳୟ ଓ ପାଗାଛକ ଠାରେ ତାଙ୍କୁ କଂଗ୍ରେସ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମହମ୍ମଦ ମୋକିମ, ସୁରେଶ ମହାପାତ୍ର, ନବଜ୍ୟୋତି ପଟ୍ଟନାୟକ, ସୋଫିଆ ଫିର୍ଦ୍ଦୋଶ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଡ. ଦେବାଶିଷ ପଟ୍ଟନାୟକ, ରଣଜିତ ପାତ୍ର, ବିଶ୍ୱଜିତ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଓଡିଶା ବନ୍ୟପ୍ରାଣୀ କନକ୍ଲେଭ ଉଦଘାଟିତ

**ଭୁବନେଶ୍ୱର,୪।୩ (ମହାଭାରତ):** ଅଗ୍ରଣୀ ଅନୁଷ୍ଠାନ ଏଭର ଗ୍ରୀନ୍ ଫୋରମ ପକ୍ଷରୁ ଦୁଇଦିନିଆ ଓଡିଶା ବନ୍ୟପ୍ରାଣୀ କନକ୍ଲେଭ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସିଇସି ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶାର ପିସିସିଏଙ୍କ ସୁରେଶ ପନ୍ତ, ପିସିସିଏଫ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ଭାରତ ସରକାରଙ୍କ ଜଙ୍ଗଲ ଉପ ମହାନିର୍ଦ୍ଦେଶକ ଆର୍ତ୍ତତ୍ରାଣ ମିଶ୍ର, ଛତିଶଗଡର ଅତିରିକ୍ତ ପିସିସିଏଫ (ବନ୍ୟପ୍ରାଣୀ) ପ୍ରେମ କୁମାର, କେରଳର ପୂର୍ବତନ ପିସିସିଏଟ ଡଃ ଅନିଲ ଭରଦ୍ୱାଜ ପ୍ରମୁଖ ଯୋଗ ଦେଇଥିଲେ। କନକ୍ଲେଭର ଅଧ୍ୟକ୍ଷ ଡଃ ଅନୁପ ନାୟକ ଅଧ୍ୟକ୍ଷତା କରିଥିଲା ବେଳେ ଫୋରମ ପ୍ରତିଷ୍ଠାତା ଡଃ ପ୍ରକାଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଡଃ ଚଞ୍ଚଳ କୁମାର ସରଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧ଲକ୍ଷ ଅର୍ଥରାଶୀ ସହ ଓଡିଶା ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ପ୍ରଦାନ କରାଯାଇଥିଲା ବେଳେ ଡଃ ଶିବ ପ୍ରସାଦ ପରିଡା, ଡଃ ପ୍ରକାଶ ଚନ୍ଦ୍ର ମର୍ଦ୍ଦରାଜ, ଅରବିନ୍ଦ ମାଝୀ ଓ ଡଃ କାର୍ତ୍ତିକ ଲେଙ୍କାକୁ ଓଡିଶା ବନ୍ୟପ୍ରାଣୀ ମିତ୍ର ସମ୍ମାନ ପ୍ରଦାନ




କରାଯାଇଥିଲା। ଏହି ଅବସରରେ କନକ୍ଲେଭର ସ୍ମରଣିକା ଉନ୍ମୋଚନ ହୋଇଥିଲା। ଶେଷରେ ଆବାହିକା ଡଃ ମିଲି ପ୍ରାଣୀଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ୨ଟି ବୈଷୟିକ ଅଧିବେସନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡଃ ଅନିଲ ଭରଦ୍ୱାଜ, ପ୍ରେମକୁମାର, ଉତ୍ତର ପ୍ରଦେଶର ପୂର୍ବତନ ପିସିସିଏଫ ବିଜୟ କୁମାର ପଟ୍ଟନାୟକ, ଡିଆଇଜି (ଜଙ୍ଗଲ) ଡଃ ପଦ୍ମା ମହାନ୍ତି, ବୈଜ୍ଞାନିକ ଡଃ ପ୍ରତ୍ୟୁଷ ମହାପାତ୍ର ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ, ଡଃ ଲାଲା ଅଶ୍ୱିନୀ କୁମାର ସିଂହ ବକ୍ତବ୍ୟ ରଖିଥିଲେଫ ଅନ୍ୟମାନଙ୍କ ମଧ୍ୟରେ ଓଡିଶାର ପୂର୍ବତନ ପିସିସିଏଫ ସୁରେଶ ମହାନ୍ତି, ସିସିଏଫ ବିକାଶ ରଂଜନ ଦାସ ଓ ନେହା ସିହ୍ନା ଉପସ୍ଥିତି ଥିଲେ।

ଡବ୍ଲ୍ୟୁଏଫଏଫ ପକ୍ଷରୁ ସାମୁଦ୍ରିକ ବିବିଧତା ଉପରେ ମୁରଲୀଧରନ ଏମଙ୍କ ସଂଯୋଜନାର ଅନୁଷ୍ଠିତ ଦଳଗତ ଆଲୋଚନାରେ ଡଓଓର ବରିଷ୍ଠ ବୈଜ୍ଞାନିକ ଡଃ ବିଭାସ ପାଣ୍ଡବ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଡଃ ମନତାଜ ଖାଁ, ଏଫଏମ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ବିଷ୍ଣୁ ପ୍ରସାଦ ଦାସ ଭାଗ ନେଇଥିଲେ।

# ସାମସଙ୍ଗ ଇଣ୍ଡିଆ ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ଏ୩୬ ୫ଜି ଶୁଭାରମ୍ଭ

**ଭୁବନେଶ୍ୱର,୪।୩ (ମହାଭାରତ):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ୩୬ ୫ଜିର ଶୁଭାରମ୍ଭ ଘୋଷଣା କରିଛି। ବିସ୍ମୟକର ବୁଦ୍ଧିମତା ସହିତ ଅନ୍ୟାନ୍ୟ ବୈଶିଷ୍ଟ୍ୟତା ଗୁଡ଼ିକ ମଧ୍ୟରେ ରହିଛି ସୃଜନଶୀଳତାର ପୁନଃ -କଳ୍ପନା ସହିତ ଆଶ୍ଚର୍ଯ୍ୟଜନକ ଅନୁସନ୍ଧାନ ଏବଂ ଦୃଶ୍ୟମାନ ଅଭିଜ୍ଞତାକୁ ନେଇ। ସମସ୍ତ ନୂତନ ଡ଼ିଜାଇନର ଭାଷାକୁ ଧରି ରଖିବା ସହିତ ନୂଆ ଗାଲାକ୍ସି ଏ ଶୃଙ୍ଖଳ ସ୍ମାର୍ଟଫୋନ ଏହା ସହିତ ବୈଶିଷ୍ଟ୍ୟତାକାରୀ ବର୍ଦ୍ଧିତ ସ୍ଥାୟିତ୍ୱ ଏବଂ ଦକ୍ଷତା ସହିତ ବିରାଟ ସୁରକ୍ଷା ତଥା ଗୋପନୀୟତା ରକ୍ଷାକାରୀର ସମସ୍ତ ବିଶେଷତ୍ୱ।

ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ଏ୩୬ ୫ଜିରେ ଉପଲବ୍ଧ ହେଉଅଛି ବିସ୍ମୟକାରୀ ବୁଦ୍ଧିମତା ଯାହାକି ଭାରତୀୟ ଗ୍ରାହକମାନଙ୍କ ପାଇଁ ଏଆଇର ଲୋକପ୍ରିୟତାକୁ ସକ୍ଷମ କରିପାରିଛି। ଗାଲାକ୍ସିର ଫ୍ୟାନ-ପସନ୍ଦକାରୀ ଏଆଇ ବିଶେଷତ୍ୱ ଅନ୍ତର୍ଭୁକ୍ତ କରୁଥିବା ଗୁଣ ମଧ୍ୟରେ ରହିଛି ଆଶ୍ଚର୍ଯ୍ୟଜନକ ବୁଦ୍ଧିମତା, ବର୍ଦ୍ଧିତ ମୋବାଇଲ ଏଆଇ ସୁଟ, ଯାହାକି ଅନେକ ଗୁଡ଼ିଏ ଆଧୁନିକତମ ଏଆଇ ବିଶେଷତ୍ୱ ପ୍ରଦାନ କରିଥାଏ।

ଗୁଗୁଲର ବର୍ଦ୍ଧିତ ସର୍କଲ ଟୁ ସର୍ଚ୍ଚ ପୂର୍ବରୁ ରହିଥିବା ସମସ୍ତ ପ୍ରଣାଳୀଠାରୁ ଅଧିକ ସରଳ କରିବା ସହିତ ଫୋନ ପରଦାରେ ଅନେକ ଗୁଡ଼ିଏ ନୂତନ ଆବିଷ୍କାର ସୃଷ୍ଟି କରିଛି। ବର୍ତ୍ତମାନର ବର୍ଦ୍ଧିତ ସର୍କଲ ଟୁ ସର୍ଚ୍ଚ ମାଧ୍ୟମରେ ବ୍ୟବହାରକାରୀମାନେ ଆପ ଗୁଡ଼ିକୁ ଚାଲୁ ନକରି ଏଥିରୁ ଅନେକ ଗୁଡ଼ିଏ ସଙ୍ଗୀତ ତତ୍‌କ୍ଷଣାତ୍ ଶୁଣି ପାରିବେ। ଏହି ସଙ୍ଗୀତ ସାମାଜିକ ଗଣମାଧ୍ୟମରୁ ହେଉ ଅବା ସ୍ପିକର ମାଧ୍ୟମରେ ନାଭିଗେସନ ବଟନକୁ ଦୀର୍ଘ ଚାପ ଦ୍ୱାରା ଏହି ସର୍କଲ ଟୁ ସର୍ଚ୍ଚ କାର୍ଯ୍ୟକାରୀ ହୋଇଥାଏ ଯାହାକି ଗୀତର ନାମ ତଥା କଳାକାରଙ୍କୁ ମଧ୍ୟ ଚିହ୍ନଟ କରିଥାଏ। ଆଶ୍ଚର୍ଯ୍ୟଜନକ ବୁଦ୍ଧିମତା ମଧ୍ୟରେ ଅନ୍ୟାନ୍ୟ ବିଶେଷତ୍ୱ ଗୁଡ଼ିକ ହେଉଛି, ଅଟୋ ଟ୍ରିମ, ବେଷ୍ଟ ଫେସ, ତତ୍‌କ୍ଷଣାତ୍ ଉପଲବ୍ଧ ସ୍ଲୋ-ମୋ ଯାହାକି ରହିଥିବା ଦୃଶ୍ୟମାନ ଏଡ଼ିଟିଙ୍ଗ ବିଶେଷତ୍ୱ ଦ୍ୱାରା ହୋଇଥାଏ।

# ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ଆନ୍ଦୋଳନ ଡାକରା

**ଭୁବନେଶ୍ୱର,୪।୩ (ମହାଭାରତ):** ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି କରିବା ଓ ସମସ୍ତ ଏନଏଚଏମ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦାବୀରେ ଆସନ୍ତା ମାର୍ଚ୍ଚ ୧୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ଚାକିରୀ ସ୍ଥାୟୀ କରିବା, ଦରମା ବୃଦ୍ଧି, ସ୍ୱାସ୍ଥ୍ୟ ବୀମା, ଘର ଭଡ଼ା, ମହଙ୍ଗା ଭତ୍ତା, ରାଜ୍ୟ ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରିବା ଆଦି ଦାବି ସମ୍ବଳିତ ପତ୍ର ବାରମ୍ବାର ପ୍ରଦାନ କରାଯାଇଥିଲେ ମଧ୍ୟ ପୂରଣ କରିବା ଦୂରର କଥା ଆଜି ପର୍ଯ୍ୟନ୍ତ ଆଲୋଚନା ମଧ୍ୟ କଲେନାହିଁ।

ସଂଘର ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡା ପ୍ରକାଶ କରିଥିଲେ କି ଦୀର୍ଘ ୨୦ ବର୍ଷ ହେବ ସ୍ୱାସ୍ଥ୍ୟ ମିଶନ ଅଧିନରେ ବ୍ଲକ, ଜିଲ୍ଲା ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ଡାକ୍ତର ଖାନରେ ଏନଏଚଏମ ମ୍ୟାନେଜମେଣ୍ଟ କର୍ମଚାରୀ ମାନେ କାର୍ଯ୍ୟରତ। ଉଚ୍ଚ ଶିକ୍ଷିତ, ଦକ୍ଷ, କୁଶଳୀ ଓ ପରିଶ୍ରମୀ କର୍ମଚାରୀ ଯେଉଁ ମାନେ ଯୁବ ଅବସ୍ଥାରେ ଚାକିରି ଆରମ୍ଭ କରିଥିଲେ ଆଜି ସେମାନଙ୍କର ହାରାହାରୀ ବୟଷ ୪୫ ବର୍ଷ ହେଲାଣି। ଯେଉଁ ମାନଙ୍କରେ ଅଗମ୍ୟ ଉଦ୍ୟମ କାରଣରୁ ସ୍ୱାସ୍ଥ୍ୟ ବିଭାଗ ଅନେକ ସଫଳତା ହାସଲ କରି ଅନେକ ବାର ଜାତୀୟସ୍ତରରେ ପୁରସ୍କୃତ ହୋଇଛି।

ଗତ ଅଗଷ୍ଟ ମାସ ୨୦୨୨ରେ ଓଡିଆ ସରକାର ଠିକା ପ୍ରଥା ଉଠାଇଦେବାର ନାରା ଦେଇ ପ୍ରାୟ ସମସ୍ତ ବିଭାଗରୁ ୫୮୦୦୦ କର୍ମଚାରୀଙ୍କୁ ସ୍ଥାୟୀ କରିଥିଲେ କିନ୍ତୁ କେବେଳ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ ପ୍ରାୟ ୮୮୮୭ କର୍ମଚାରିଙ୍କୁ ବାଦ ଦେଇଥିଲେ ସେଥିମଧ୍ୟରୁ ୪୨୦୦ ପରିଚାଳନା କର୍ମଚାରୀ ଅନ୍ତର୍ଭୁକ୍ତ। ସତରେ କଣ ଆମେ ସରକାରଙ୍କ ପାଇଁ କାର୍ଯ୍ୟ କରୁନାହୁଁ। ଆସନ୍ତା ୦୯ ତାରିଖ ପର୍ଯ୍ୟନ୍ତ ନିଜ କର୍ମସ୍ଥଳିରେ କଳାବ୍ୟାଚ ପିନ୍ଧି ପ୍ରତୀକ ପ୍ରତିବାଦ କରିବା ସହିତ ୧୦ ତାରିଖ ଠାରୁ ଭୁବନେଶ୍ୱର ଲୋୟର ପି ଏମ ଜି ରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା ଦେବାକୁ ନିଷ୍ପତ୍ତି ହୋଇଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ଗୋପବନ୍ଧୁ କର, ରାଜ୍ୟ କୋଷାଧ୍ୟକ୍ଷ ଆଶୁତୋଷ ମିଶ୍ର, ଉପସଭାପତି ନବୀନ ବେହେରା, ସହ ସମ୍ପାଦକ ପ୍ରଦୀପ୍ତ ମଲ୍ଲ ଓ ରାଜ୍ୟ ସଂଯୋଜକ ସଞ୍ଜୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ନେତା, ପୋଲିସର ପ୍ରୋତ୍ସାହନ ଚାଲିଥିଲା ଗୋ ତସ୍କରୀ

**ଭୁବନେଶ୍ୱର,୪।୩ (ମହାଭାରତ):** ଟିଗିରିଆ ଗୋ ତସ୍କରୀ ଘଟଣାରେ ଦୃଷ୍ଟାନ୍ତ ମୂଳକ କର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜ୍ୟ ଗୋପାଳନ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

ଟିଗିରିଆ ଗୋ ତସ୍କରୀକୁ ନେଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରତିକ୍ରିୟାରେ କହିଛନ୍ତି ଏହା ଦୁର୍ଭାଗ୍ୟ ଜନକ କଥା। ଆଠଗଡ ଟିଗିରିଆ ବାରମାଣ ଜଙ୍ଗଲରେ ଗୋହତ୍ୟା ଓ ଗୋ ଚାଲାଣର ଦୃଶ୍ୟ ଦେଖିବା ପରେ ଜିଲ୍ଲା ଏସପି ପ୍ରତୀକ ସିଂଙ୍କ ସହ ବ୍ୟକ୍ତିଗତ ଆଲୋଚନା ହୋଇଛି। ସେ ସ୍ଥାନରେ ଚଢ଼ାଉ ହୋଇଛି। ସେ ଅଂଚଳକୁ ଗୋ ମାଫିଆଙ୍କୁ ବନ୍ଦ କରିବା ପାଇଁ ପୋଲିସ ବିଭାଗ ତତ୍ପର ଅଛି। କିନ୍ତୁ ଗତ ଦିନରେ ସେ ସ୍ଥାନରେ ଗୋ ମାତାଙ୍କର ହାଡ ଓ ଚର୍ମ ଯେଉଁ ଭଳି ଗଦା ହୋଇଛି ଗତ ସରକାରରେ ସ୍ଥାନୀୟ ନେତା ଓ ବିନା ପୋଲିସର ସହାୟତାରେ ଏଭଳି କାର୍ଯ୍ୟ ସମ୍ଭବ ନୁହେଁ। ପୋଲିସର ଆଇଆଇସିଙ୍କଠୁ ନେଇ କନେଷ୍ଟବଳ ପର୍ଯ୍ୟନ୍ତ ସମସ୍ତଙ୍କୁ ପରିବର୍ତନ କରାଯାଇଛି। ନୂତନ ଭାବେ ଆଇଆଇସି ଓ ଅନ୍ୟ ପୋଲିସ ବିଭାଗର ଅଧିକାରୀଙ୍କୁ ନିଯୁକ୍ତି କରିବା ସହ ତଦନ୍ତ କରାଯାଉଛି। ସେ ସ୍ଥାନକୁ ସିଲ କରାଯାଉଛି। ତୁରନ୍ତ ପୋଲିସକୁ ଏ ଘଟଣାରେ ରିପୋର୍ଟ ଦେବା ପାଇଁ କୁହା ଯାଇଛି। ଯେଉଁ ମାନେ ସଂପୃକ୍ତ ତାଙ୍କ ଉପରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ପୋଲିସକୁ କୁହା ଯାଇଛି। ସେ ଆହୁରି କହିଛନ୍ତି ଯେ ବିନା ପ୍ରୋତ୍ସାହନରେ ଏଭଳି କାର୍ଯ୍ୟ ସମ୍ଭବ ନୁହେଁ। କାହିଁକି ଆଜି ଯାଏଁ ରାଜ୍ୟ ନେତା ଚୁପ୍ ଥିଲା, କାହିଁକି ପ୍ରଶାସନ ଚୁପ୍ ଥିଲା। ଏ କଥା ସାଧରଣ ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ସମସ୍ତଙ୍କ ପ୍ରୋତ୍ସାହନରେ ମାଫିଆ ମାନେ ମାତିଥିଲେ। ସମସ୍ତଙ୍କ ଜାଣତରେ ଏ କାର୍ଯ୍ୟ ଚାଲିଥିଲା। କିଛି ଜଣଙ୍କୁ ଗିରଫ କରାଯାଇଛି ଆଉ କିଛି ଲୋକଙ୍କୁ ପଚରାଉଚୁରା କରାଯାଉଛି। ସମସ୍ତଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।



# ମୃତ୍ୟୁ ପରେ ବି ୨ଜଣଙ୍କୁ ଜୀବନ ଦେଲେ ଜନ୍ମେଶ

**ଭୁବନେଶ୍ୱର,୪।୩ (ମହାଭାରତ):** ଜୀବନ କଣ ଜାଣିବା ପୂର୍ବରୁ ଶରୀରରେ ଆଉ ଜୀବନ ନଥିଲା। ମାତ୍ର ନିଜ କିଡ୍‌ନୀ ଏବଂ ଲିଭର ଦାନ କରି ଅମର ହୋଇଯାଇଛନ୍ତି ୧୬ ମାସର ମାଷ୍ଟର ଜନ୍ମେଶ। ଦୁନିଆରୁ ସବୁଦିନ ପାଇଁ ବିଦାୟ ନେଇଥିଲେ ସୁଦ୍ଧା ଦୁଇଜଣଙ୍କୁ ନୂତନ ପ୍ରାଣଦାନ କରିସବୁଦିନ ପାଇଁ ନିଜର ସତା ଛାଡ଼ିଯାଇଛନ୍ତି ଶିଶୁ ଜନ୍ମେଶ। ଏମ୍ସ ଭୁବନେଶ୍ୱରରେ ଓଡ଼ିଶାର ସବୁଠାରୁ କନିଷ୍ଠ ଅଙ୍ଗଦାତା, ମାଷ୍ଟର ଜନ୍ମେଶଙ୍କ ଶରୀରରୁ ବହୁଅଙ୍ଗ ପୁନରୁଦ୍ଧାର କରାଯାଇଛି। ଗତକାଲି ଅନୁଷ୍ଠିତ ଏହି ପ୍ରକ୍ରିୟା ମାଧ୍ୟମରେ ୧୬ ମାସର ମାଷ୍ଟର ଜନ୍ମେଶ କିଡ୍‌ନୀ(ବୃକକ୍) ଏବଂ ଲିଭର(ଯକୃତ) ଦାନ କରି ଦୁଇ ରୋଗୀଙ୍କୁ ନୂତନ ଜୀବନ ପ୍ରଦାନ କରିଛନ୍ତି। ଜନ୍ମେଶ ଲେଙ୍କାଙ୍କ ପିତାମାତାଙ୍କ ଏପରି ସାହସିକ ନିଷ୍ପତ୍ତି, ଯାହା ସେମାନଙ୍କର ବ୍ୟକ୍ତିଗତ ଦୁଃଖକୁ ଅନ୍ୟମାନଙ୍କ ପାଇଁ ଆଶାର ଆଲୋକରେ ପରିଣତ କରିଥିଲା।






ଗତ ମାସ ୧୨ ତାରିଖରେ ଏମ୍ସ ଭୁବନେଶ୍ୱରର ଶିଶୁ ବିଭାଗରେ ଭର୍ତି ହୋଇଥିଲେ ଜନ୍ମେଶ। ଫରେନ୍ ବଡି ଆସ୍ପିରେସନ୍ ଏଣ୍ଡ ଚୋକିଂ(ଶ୍ୱାସକ୍ଲାନ୍ତ) ରୋଗରେ ପିଡ଼ୀତ ହୋଇ ମାଷ୍ଟର ଜନ୍ମେଶ ଡାକ୍ତର କୃଷ୍ଣ ମୋହନ ଗୁଲ୍ଲାଙ୍କ ତତ୍ତ୍ୱାବଧାନରେ ଚିକିତ୍ସାଧୀନ ଥିଲେ। ତୁରନ୍ତ କାର୍ଡିଓପଲମୋନାରୀ ରିସସିଟେସନ (ସିପିଆର) ଏବଂ ପରବର୍ତୀ ଦୁଇ ସପ୍ତାହ ଧରି ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ମାତ୍ର ଅକ୍ଳାନ୍ତ ପ୍ରୟାସ ସତ୍ତ୍ୱେ, ଚଳିତ ମାସ ଏକ ତାରିଖରେ ଜନ୍ମେଶଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା।ଏମ୍ସ ଭୁବନେଶ୍ୱରର ଡାକ୍ତରୀ ଦଳ ଅଙ୍ଗଦାନ ବିଷୟରେ ଶୋକାକୁଳ ପିତାମାତାଙ୍କୁ ପରାମର୍ଶ ଦେଇଥିଲେ। ଜନ୍ମେଶଙ୍କ ପିତାମାତା ଅଙ୍ଗଦାନ ନିମନ୍ତେ ସମ୍ମତି ପ୍ରଦାନ କରିଥିଲେ। ସମ୍ମତି ପରେ, ଏମ୍ସର ସର୍ଜନ ଏବଂ ପ୍ରତିରୋପଣ ସଂଯୋଜକଙ୍କ ଏକ ବହୁମୁଖୀ ଦଳ ଶୀଘ୍ର ପୁନରୁଦ୍ଧାର ଏବଂ ପ୍ରତିରୋପଣ ପ୍ରକ୍ରିୟାକୁ ସହଜ କରିଥିଲେ। ଡାକ୍ତର ବ୍ରହ୍ମଦତ ପଟ୍ଟନାୟକଙ୍କ ନେତୃତ୍ୱରେ ଗ୍ୟାଷ୍ଟ୍ରୋ-ସର୍ଜରୀ ଦଳ ଦ୍ୱାରା ଯକୃତକୁ ସଫଳତାର ସହିତ ଉଦ୍ଧାର କରାଯାଇଥିଲା। ଗ୍ରୀନ୍ କରିଡରରେ ନୂଆଦିଲ୍ଲୀର ଇନଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ବିଲିଆରି ସାଇନସ୍ସେ୍ (ଆଇଏଲ୍‌ବିଏସ)କୁ ପଠାଯାଇଥିଲା। ଜନ୍ମେଶଙ୍କୁ ଦୁଇ କିଡ୍‌ନୀକୁ ପୁନରୁଦ୍ଧାର କରାଯାଇଥିଲା ଏବଂ ଏମ୍ସ ଭୁବନେଶ୍ୱରର ଜଣେ କିଶୋର ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ୟୁରୋଲୋଜି ବିଭାଗର ମୁଖ୍ୟ ଡାକ୍ତର ପ୍ରଶାନ୍ତ ନାୟକଙ୍କ ନେତୃତ୍ୱରେ ଏହି ଜଟିଳ ଅସ୍ତ୍ରୋପଚାର ପ୍ରକ୍ରିୟା ସଫଳତାର ସହିତ ସମ୍ପାଦିତ ହୋଇଥିଲା। ଏହି ମାମଲା ଐତିହାସିକ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଜନ୍ମେଶ ଓଡ଼ିଶାର ସବୁଠାରୁ କନିଷ୍ଠ ଅଙ୍ଗ ଦାତା ହୋଇଥିଲେ। ଏହା ସହିତ, ରାଜ୍ୟରେ ଏନ-ବ୍ଲକ୍ କିଡନୀ ପ୍ରତିରୋପଣର କେବଳ ଦ୍ୱିତୀୟ ଘଟଣା ହେବାର ଗୌରବ ଲାଭ କରିଛି। ଏମସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ପ୍ରତିରୋପଣ ସମନ୍ୱୟ ଦଳ ଏବଂ ସମ୍ପୃକ୍ତ ଡାକ୍ତରୀ ଦଳକୁ ପ୍ରଶଂସା କରିଥିଲେ ଏବଂ ଜନ୍ମେଶଙ୍କ ପିତାମାତାଙ୍କ ଅସାଧାରଣ ଉଦାରତା ପାଇଁ ମଧ୍ୟ ହୃଦୟରୁ କୃତଜ୍ଞତା ପ୍ରକାଶ କରିଥିଲେ। ଅସହନୀୟ କ୍ଷତି ସତ୍ତ୍ୱେ, ଜନ୍ମେଶଙ୍କ ପିତାମାତାଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତି ମାନବିକତା ଏବଂ ସ୍ଥିରତାକୁ ପ୍ରତିପାଦିତ କରିଛି।

# ବାଣୀବିହାରରେ ଛାତ୍ରଙ୍କ ବିକ୍ଷୋଭ

**ଭୁବନେଶ୍ୱର,୪।୩ (ମହାଭାରତ):** ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା ଦେଖିବାକୁ ମିଳିଛି। ଜୟ ଭୀମ ଛାତ୍ର ସଂଗଠନକୁ ଏବିଭିପି, ଛାତ୍ର କଂଗ୍ରେସ ଓ ଅନ୍ୟାନ୍ୟ ଛାତ୍ର ସଂଗଠନର ବିରୋଧଭାଷ ଦେଖାଦେଇଛି। ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଗତକାଲି ଜୟ ଭୀମ ସଂଗଠନ ଓ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ଭିତରେ ବଚସା ହୋଇଥିଲା। ଆଜି ସମାଧାନ ପାଇଁ ପଚରାଉଚରା ବେଳେ ଗଣ୍ଡଗୋଳ ପରିସ୍ଥିତି ଉପୁଜିଛି। ଗଣ୍ଡଗୋଳରେ ୮ ଜଣ ଆହତ ହୋଇଥିବା ନେଇ ସୂଚନା ମିଳିଛି। ତେବେ ମାଡ଼ ମାରିଥିବା ଜୟ ଭୀମ ସଂଗଠନ ଛାତ୍ରଙ୍କ ଗିରଫ ଦାବି କରିଛନ୍ତି ବିଶ୍ୱବିଦ୍ୟାଳୟ ଛାତ୍ର।

ସୂଚନା ଅନୁସାରେ, ଗତକାଲି ଜୟଭୀମ ସଂଗଠନ ତରଫରୁ କାର୍ଯ୍ୟକ୍ରମ ନେଇ ପ୍ରାକ୍ ପ୍ରସ୍ତୁତି ଚାଲିଥିବା ବେଳେ ସଂଗଠନର କିଛି ପିଲାଙ୍କର ବିଶ୍ୱବିଦ୍ୟାଳୟର ଛାତ୍ରଙ୍କ ସହ ବଚସା ହୋଇଥିଲା। ଯାହାର ଆପୋସ ସମାଧାନ ପାଇଁ ଆଜି ଛାତ୍ର ସଂଗଠନ ପଚରାଉଚରା କରିବା ବେଳେ ଗଣ୍ଡଗୋଳ ହୋଇଥିଲା। ଫଳରେ ଜୟ ଭୀମ୍ ଛାତ୍ର ସଂଗଠନକୁ ବିରୋଧ କରି ସାମୂହିକ ଭାବେ ଏବିଭିପି, ଛାତ୍ର କଂଗେସ ଓ ଅନ୍ୟ ସମସ୍ତ ବାଣୀବିହାର ଛାତ୍ରମାନେ ବିକ୍ଷୋଭ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି। ତେବେ ଗଣ୍ଡଗୋଳରେ ୮ ଜଣ ଆହତ ହୋଇଥିବା ବେଳେ ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଡ଼ ମାରିଥିବା ଜୟଭୀମ କର୍ମୀଙ୍କ ଗିରଫଦାରି ଦାବି କରି ଛାତ୍ରଙ୍କ ବିକ୍ଷୋଭ ଜାରି ରହିଥିବା ବେଳେ ଘଟଣାସ୍ଥଳରେ ୪ ପ୍ଲାଟୁନ ପୋଲିସ ସହ ୨ ଜଣ ଏସିପି ଉପସ୍ଥିତ ଅଛନ୍ତି। ବିକ୍ଷୋଭ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ଗାଡି ଭାଙ୍ଗିଛନ୍ତି ବାଣୀବିହାର ଛାତ୍ର।

# ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଏମଓୟୁ

**ଭୁବନେଶ୍ୱର,୪।୩ (ମହାଭାରତ):** ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଆଜି ରାଜ୍ୟ ଜଳସଂପଦ ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ଏବଂ ଇନଷ୍ଟିଚ୍ୟୁଟ୍ ଅଫ ରୁରାଲ ମ୍ୟାନେଜମେଣ୍ଟ ଆନନ୍ଦ (ଆଇଆରଏମଏ), ଗୁଜରାତ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ରାଜ୍ୟ ଉନ୍ନୟନ କମିଶନର ତଥା ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଓ ପ୍ରାଣୀସମ୍ପଦ ବିଭାଗ ନିର୍ଦ୍ଦେଶକ ସଦ୍ଦିକ୍ ଆଲାମ୍, ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳ ସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ) ର ପ୍ରକଳ୍ପନିର୍ଦ୍ଦେଶକ ଶ୍ରୀ ରଶ୍ମିରଞ୍ଜନ ନାୟକ, ଆଇଆରଏମଏ, ଗୁଜରାତର ନିର୍ଦ୍ଦେଶକ ଡଃ. ଉମାକାନ୍ତ ଦାଶଙ୍କ ସମେତ ଜଳସଂପଦ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, ଜଳସଂପଦ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, କୃଷି ଓ କୃଷକ



ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ୱାର୍ଲ୍ଡ ଫିସର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ବୁଝାମଣା ମତ୍ସ୍ୟଉତ୍ପାଦନ କ୍ଷେତ୍ରରେ ବଜାର ସୁବିଧା(ମାର୍କେଟିଂ) ଉପରେ ମତ୍ସ୍ୟ ଅଧିକାରୀ ଏବଂ ମାଛ ଚାଷ କରୁଥିବା କୃଷକ ଏବଂ ସଂପୃକ୍ତ ଅଂଶୀଦାର ମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ମତ୍ସ୍ୟ ବଜାର ବିକାଶ ଉପରେ କେନ୍ଦ୍ରିତ ଗଠନ ମୂଳକ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟ ଅଧିକାରୀ ଏବଂ ପ୍ରଗତିଶୀଳ କୃଷକଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଅଧିକାରୀ ଏବଂ ଅଂଶୀଦାର ମାନଙ୍କ ପାଇଁ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଏହି ସହଯୋଗର ମୂଳ ଉଦ୍ଦେଶ୍ୟ ରହିଛି। ମତ୍ସ୍ୟ ଚାଷୀଙ୍କ ନିମନ୍ତେ ଘରୋଇ ବଜାର ପାଇଁ ରଣନୀତି ବିକଶିତ କରିବା, ମାର୍କେଟିଂ କୌଶଳ ସହିତ ପରିଚିତ କରାଇବା ଏବଂ ଉପଭୋକ୍ତାଙ୍କ ବ୍ୟବହାରିକ ଆଚରଣ ବିଷୟରେ ସେମାନଙ୍କୁ ଉନ୍ନତ ପ୍ରଦର୍ଶନ କରାଇବାରେ ସାହାଯ୍ୟ କରିବ। ଏହା ବ୍ୟତୀତ, ଏହି ପଦକ୍ଷେପ ଯୋଗାଣ ଶୃଙ୍ଖଳା ପରିଚାଳନାରେ ଦକ୍ଷତା ସୃଷ୍ଟି କରିବା, ମୂଲ୍ୟ ଶୃଙ୍ଖଳା ବୃଦ୍ଧି ପାଇଁ ଅନ୍ୟ ରାଜ୍ୟ ତଥା ଦେଶକୁ ପରିଦର୍ଶନ ଆୟୋଜନ କରିବା ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ଭିତ୍ତିକ ଶିକ୍ଷାରେ ସହଯୋଗକୁ ପ୍ରୋତ୍ସାହିତ କରିବ।

# ବ୍ରେକ୍ ଇଣ୍ଡିଆ ରେଭିଆ ୟୁଟିଟିଓ ତେଲ ଲଂଚ କରି ଟ୍ରାକ୍ଟରରେ ବଜାର ସ୍ଥିତି ସୁଦୃଢ଼

**ବ୍ରହ୍ମପୁର,୪।୩ (ମହାଭାରତ):** ଟ୍ରାକ୍ଟର ୱେଟ୍ ବ୍ରେକ୍ ସିଷ୍ଟମ୍ ପାଇଁ ଅଗ୍ରଣୀ ଅରିଜିନାଲ୍ ଇକ୍ୱିପ୍‌ମେଟ ନିର୍ମାତା (ଓଇଏମ୍) ବ୍ରେକ୍ସ ଇଣ୍ଡିଆ (ଟିଏସ୍‌ଏଫ୍ ଗ୍ରୁପ୍‌ର ଅଂଶ) ଆଜି ରେଭିଆ ୟୁଟିଟିଓ (ୟୁନିଭର୍ସାଲ୍ ଟ୍ରାକ୍ଟର ଟ୍ରାନ୍ସମିସନ୍ ଅଏଲ୍)ର ଶୁଭାରମ୍ଭ କରି ଟ୍ରାକ୍ଟର ତୈଳ ବଜାରରେ ପ୍ରବେଶ କରିଛି। ଏହି ରଣନୈତିକ ପଦକ୍ଷେପ ବଢୁଥିବା ଟ୍ରାକ୍ଟର ସେଗମେଟ୍‌ରେ କଂପାନିର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ସହ ଏହାର ରେଭିଆ ବ୍ରାଣ୍ଡ ପୋର୍ଟଫୋଲିଓକୁ ବିସ୍ତାର କରିଛି।

ରେଭିଆ ୟୁଟିଟିଓ ହେଉଛି ଟ୍ରାନ୍ସମିସନ ସିଷ୍ଟମ, ଓଦା ବ୍ରେକ୍, ହାଇଡ୍ରୋଲିକ୍ସ ଏବଂ ଆଧୁନିକ ଟ୍ରାକ୍ଟରର ଚୂଡ଼ାନ୍ତ ଡ୍ରାଇଭ୍‌ରେ ବ୍ୟବହାର ପାଇଁ ଏକ ଉଚ୍ଚ-କାର୍ଯ୍ୟଦକ୍ଷତା ସାର୍ବଜନୀନ ଲୁବ୍ରିକେଟ୍। ସୁରୁଖୁରୁରେ, ଶବ୍ଦ ମୁକ୍ତ ବ୍ରେକ୍ ଅପରେସନ୍ ପ୍ରଦାନ କରିବା ପାଇଁ ପ୍ରସ୍ତୁତ, ରେଭିଆ ୟୁଟିଟିଓ ଏପିଆଇ ଜିଏଲ୍ ୪ ମାନକପୂରଣ କରେ, ଯାହା ଗୁଣବତା ଏବଂ ବିଶ୍ୱସନୀୟତାକୁ ସୁନିଶ୍ଚିତ କରେ। ଏହାବ୍ୟତୀତ, ଏହି ଫର୍ମୁଲେସନ ଅତ୍ୟଧିକ ପରିସ୍ଥିତିରେ କ୍ଷୟ ସୁରକ୍ଷା ଏବଂ ସ୍ଥିର କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ, ଯାହା ବ୍ରେକ୍ ଏବଂ ଟ୍ରାନ୍ସମିସନ ସିଷ୍ଟମର ଦୀର୍ଘାୟୁରେ ଯୋଗଦାନ କରିଥାଏ।

ବ୍ରେକ୍ସ ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ ତଥା ଆଫ୍ଟରମାର୍କେଟ୍ ବିଜନେସ୍ ୟୁନିଟ୍‌ର ମୁଖ୍ୟ ସୁଜିତ ନାୟକ କହିଛନ୍ତି, "ୱେଟ୍ ବ୍ରେକ୍ ସିଷ୍ଟମ୍ସ ଅଗ୍ରଣୀ ଓଇଏମ୍ ନିର୍ମାତା ଭାବେ ବ୍ରେକ୍ ଇଣ୍ଡିଆ ଟ୍ରାକ୍ଟର୍ ଅଏଲ୍ କ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ସକ୍ଷମ। ରେଭିଆ ୟୁଟିଟିଓର ପ୍ରଚଳନ ସହିତ, ଆମେ ଟ୍ରାକ୍ଟର ଶିଳ୍ପର ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ଉଚ୍ଚ ଗୁଣବତା, ସ୍ଥାୟୀ ଉତ୍ପାଦ ପ୍ରଦାନ କରିବାକୁ ଆମର ବ୍ରାଣ୍ଡ ପ୍ରତିଶ୍ରୁତିକୁ ସୁଦୃଢ଼ କରୁଛୁ।"

## ମହାକୁମ୍ଭର ସଫଳତା

ପ୍ରତି ୧୨ ବର୍ଷରେ ଥରେ ପ୍ରୟାଗରାଜରେ ଏହି ମହାକୁମ୍ଭ ଆୟୋଜିତ ହୋଇଥାଏ। କିନ୍ତୁ ଏଥର ପ୍ରୟାଗରାଜ ମହାକୁମ୍ଭ ଏକ ସ୍ୱତନ୍ତ୍ର ପରିସ୍ଥିତିରେ ଆୟୋଜିତ ହୋଇଥିଲା। ଦୀର୍ଘ ୧୪୪ ବର୍ଷ ପରେ ଏହି ମାହେନ୍ଦ୍ର ବେଳା ଆସିଥିଲା। ପୁଣି ୧୪୪ ବର୍ଷ ପରେ ଏଭଳି ସୁଯୋଗ ସୃଷ୍ଟି ହେବ। ତେଣୁ ମହାକୁମ୍ଭ-୨୦୨୫ର ସ୍ୱତନ୍ତ୍ରତା ରହିଛି। ଏଥିଲାଗି ଦୀର୍ଘ ଦିନ ପୂର୍ବରୁ ୟୁପି ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଥିଲା। ୪୫ ଦିନର ଏହି ମହାକୁମ୍ଭରେ ୬୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ବିଶ୍ୱର ଏହା ହେଉଛି ସବୁଠାରୁ ବଡ଼ ଧାର୍ମିକ ଉତ୍ସବ। ପ୍ରୟାଗରାଜ ମହାକୁମ୍ଭରେ ଏହି ଜନସମାଗମ ଏକ ବିଶ୍ୱରେକର୍ଡ। କେବଳ ଭାରତବାସୀ ନୁହଁନ୍ତି, ବିଦେଶରୁ ମଧ୍ୟ ଅନେକ ଏହି ମହାକୁମ୍ଭ ଦେଖିବାକୁ ଆସିଥିଲେ। କେବଳ ହିନ୍ଦୁ ଧର୍ମାବଲମ୍ବୀ ନୁହଁନ୍ତି, ଅନ୍ୟ ଧର୍ମର ବ୍ୟକ୍ତିମାନେ ମଧ୍ୟ ଏହି ଅଭୂତପୂର୍ବ ଧାର୍ମିକ ସମାବେଶ ଦେଖିବାକୁ ଆସିଥିଲେ। ପ୍ରୟାଗରାଜ ମହାକୁମ୍ଭ ହେଉଛି ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ଆସ୍ଥା ଏବଂ ବିଶ୍ୱାସର ସ୍ଥଳୀ। ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଯେପରି ସମଗ୍ର ମାନବଜାତିର ଆକର୍ଷଣ କେନ୍ଦ୍ର ପାଲଟିଛି, ଠିକ ସେହିପରି ପ୍ରୟାଗରାଜ ମହାକୁମ୍ଭ ସମଗ୍ର ବିଶ୍ୱ ପାଇଁ ଏକ ବିରାଟ ସଭ୍ୟତା ଏବଂ ଐତିହ୍ୟର ପ୍ରତୀକ ପାଲଟିଛି।ୁଳିତ ବର୍ଷ ମହାକୁମ୍ଭରେ ଅନେକ ବିଶିଷ୍ଟ ବ୍ୟକ୍ତି ବୁଡ଼ ପକାଇଥିଲେ। ସେମାନଙ୍କ ମଧ୍ୟରେ ରାଷ୍ଟ୍ରପତି, ଦେଶର ପ୍ରଧାନମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ବହୁ ବିଶିଷ୍ଟ ମହାକୁମ୍ଭରେ ବୁଡ଼ ପକାଇଛନ୍ତି। କୋଟି କୋଟି ସାଧାରଣ ଜନତା ଶ୍ରଦ୍ଧା ଏବଂ ବିଶ୍ୱାସର ସହ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ଶାନ୍ତି ଶୃଙ୍ଖଳାର ସହ ମେଳା ଆୟୋଜନ କରିବା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ୟୁପି ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା।ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ଦେଶର କୋଣ ଅନୁକୋଣରୁ ପ୍ରୟାଗରାଜକୁ ଅନେକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବ୍ୟବସ୍ଥା ହୋଇଥିଲା। ଅନେକ ପ୍ରୟାଗରାଜକୁ ବିମାନରେ ମଧ୍ୟ ଯାତ୍ରା କରିଛନ୍ତି। ସେମାନଙ୍କ ପାଇଁ ପ୍ରୟାଗରାଜ ବିମାନ ବନ୍ଦର ଗତ ଦେଢ଼ ବର୍ଷ ହେବ ଚଳଚଞ୍ଚଳ ରହିଥିଲା। ସର୍ବାଧିକ ବ୍ୟକ୍ତି ସଡ଼କ ପଥରେ ଆସିଛନ୍ତି। ସେମାନଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାସ୍ତାରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ପାଇଁ ଅନେକ ବ୍ୟବସ୍ଥା ହୋଇଥିଲା। ତଥାପି ପ୍ରୟାଗରାଜକୁ ଆସୁଥିବା ବା ମେଳାରୁ ଫେରୁଥିବା ଅନେକ ଶ୍ରଦ୍ଧାଳୁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ଦୁଃଖଦାୟକ। ସେହପରିପବିତ୍ର ମୌନି ଅମାବାସ୍ୟାରେ ବୁଡ଼ ପକାଇବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ଯୋଗୁ ଅନେକ ପ୍ରାଣ ହରାଇଥିଲେ। ସରକାରୀ ଭାବେ ମୃତକଙ୍କ ସଂଖ୍ୟା ୩୦ ବୋଲି କୁହାଯାଉଥିବା ବେଳେ ବାସ୍ତବରେ ମୃତ୍ୟୁ ସଂଖ୍ୟା ଢେର ଅଧିକ ହେବ ବୋଲି କୁହାଯାଉଛି। ସେହିପରି ଦିଲ୍ଲୀ ରେଳ ଷ୍ଟେସନରେ ମହାକୁମ୍ଭ ଯାତ୍ରୀଙ୍କ ମଧ୍ୟରେ ଦଳାଚକଟାରେ ୧୮ଜଣ ପ୍ରାଣ ହରାଇଛନ୍ତି। ଏସବୁ ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ। କିନ୍ତୁ ଏତେ ବଡ଼ ମେଳା ଆୟୋଜନରେ ଯାହା ବ୍ୟତିକ୍ରମ ରହିଛି, ଯାହା ଅଘଟଣ ଘଟିଛି ତାହା ମେଳାର ବ୍ୟାପକତା ଦୃଷ୍ଟିରୁ କିଛି ନୁହେଁ। ପ୍ରୟାଗରାଜ ମହାକୁମ୍ଭ ସଫଳତାର ସହ ଆୟୋଜନ ଲାଗି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶଂସାର ପାତ୍ର। କିନ୍ତୁ ବିରୋଧୀ ଦଳର କିଛି ନେତା ଜିରାରୁ ଶିରା କାଢ଼ିବା ପରି ସମାଲୋଚତନା କରୁଛନ୍ତି। ଏହା ନିନ୍ଦନୀୟ ଏବଂ ସଂକୀର୍ଣ୍ଣ ରାଜନୀତି । ଏହି ସଫଳତାକୁ ଅନେକ ସହ୍ୟ କରିପାରୁନାହାଁନ୍ତି।

## ହେ ରାଜା ଭିକ୍ଷା ଦେବା ବନ୍ଦ କରନ୍ତୁ


॥ ରଘୁନାଥ ମହାପାତ୍ର ॥


“ ;ପଞ୍ଜାବି ଟ୍ରାଉଜର ପିନ୍ଧିଥିବା ଲୋକ ଜଣେ ହାତରେ ଚିଠାଧରି ଦୁଆର ମୁହଁ ପାଖରେ ବସିଲେ। ଚାରି ପାଞ୍ଚଜଣ ପେଣ୍ଟକୋର୍ଟ ପିନ୍ଧା ଲୋକଙ୍କର ଡାକ ପଡ଼ିଲା ସମସ୍ତେ ଜଣ ଜଣ ହୋଇଗଲେ। ଦୁଇ ତିନି ମିନିଟ ଭିତରେ ଫେରି ଆସିଲେ। ପାଞ୍ଚ ନମ୍ବରରେ ପଡ଼ିଲା ହରି ପ୍ରଧାନର ପାଳି। ଡାକରା ଆସିଲା ଭିତରୁ। ହରି ପ୍ରଧାନ ଭିତରକୁ ପଶିଲେ ଦେଖିଲେ ସିଂହାସନରେ ରାଜା ନାହାନ୍ତି। ଚେୟାର ଉପରେ ବସିଛନ୍ତି ଜଣେ ଦରବୁଢ଼ା ମଣିଷ। ପ୍ରଶସ୍ତ କପାଳ ବାଳ ପାଚି ଯାଇଛି। ସାଦା ସିଧା ଧଳା ପୋଷାକ। ହରି ପ୍ରଧାନ ବିସ୍ମିତ ହେଲେ ସେ ଯେଉଁ ରାଜାଙ୍କର ବେଶ ପୋଷାକ ଚେହେରା କଳ୍ପନା କରିଥିଲେ।

ହରି ପ୍ରଧାନ ରାତି ଅଧରେ କଣ ଗୋଟାଏ ସ୍ୱପ୍ନ ଦେଖି ବିଳବିଳେଇ ଉଠି ଚିତ୍କାର କଲେ ନା ହଜୁର ମୋର ଦାନ ଦରକାର ନାହିଁ। ମୋର ଦାନ ଦରକାର ନାହିଁ। ମୁଁ ଗରିବ ଚାଷୀଟିଏ ହେଲେ ବି ଭଲରେ ଅଛି। ମୁଁ ଭିଖାରୀ ନୁହେଁ ମତେ କାହିଁକି ଭିଖ ଯାଚୁଛନ୍ତି। ପାଖରେ ଶୋଇଥିବା ହରି ପ୍ରଧାନଙ୍କ ସ୍ତ୍ରୀ ଉର୍ମିଳା ଧଡ଼ ପଡ଼ ହୋଇ ଉଠିପଡ଼ି ସ୍ୱାମୀଙ୍କ ହାତକୁ ଧରି ହଲାଇ ଦେଲେ ଏଁ ଏଁ ଏମିତି କ'ଣ ଗପୁଛ କ'ଣ ସ୍ୱପ୍ନ ଦେଖୁଛନା କ'ଣ? ଉର୍ମିଳା ହାତଟଣା ପାଇ ହରି ପ୍ରଧାନ ଉଠିପଡ଼ି ବିଛଣା ଉପରେ ବସିଲେ। ତାଙ୍କ ଦେହଟା ଥରୁଥାଏ। ତାଙ୍କ ପାଟିରୁ କଥା ବାହାରୁ ନଥାଏ। ମିଞ୍ଜି ମିଞ୍ଜି ଜଳୁଥିବା ଲଣ୍ଠନ ଫିତାକୁ ଉର୍ମିଳା ଟିକିଏ ତେଜି ଦେଲେ ଏବଂ ସ୍ୱାମୀଙ୍କ ମୁହଁକୁ ଚାହିଁ ପଚାରିଲେ ଏମିତି ବାଉଳି ହେଉଥିଲ କାହିଁକି? କ'ଣ ସ୍ୱପ୍ନ ଦେଖିଲ ନା କ'ଣ? କିଏ ଦେଉଥିଲା ତୁମକୁ ଦାନ?

ହରି ପ୍ରଧାନ ଅନେକ ସମୟ ଯାଏ ଗୁମ ହୋଇ ବସିଗଲେ ସ୍ତ୍ରୀ ଯେତେ ଯାହା ପଚାରିଲେ ବି ତାର କୌଣସି ଉତ୍ତର ଦେଲେ ନାହିଁ। ଉର୍ମିଳା ଦେଖିଲେ ସ୍ୱାମୀ କିଛି ଉତ୍ତର ଦେଉ ନାହାଁନ୍ତି ତେଣୁ ସେ ଲଣ୍ଠନ କମାଇ ପୁଣି ଶୋଇ ପଡ଼ିଲେ। ହରି ପ୍ରଧାନଙ୍କୁ କିନ୍ତୁ ନିଦ ହେଲାନାହିଁ। ସେ ବିଛଣାରେ ଶୋଇ ଛଟପଟ ହେଲେ। ସେ ମନେ ମନେ ଭାବିଲେ ମୋ ଗୁରୁ ମତେ ଯାହା ଉପଦେଶ ଦେଇଥିଲେ ମୁଁ ସେ ବାଟରୁ କାହିଁକି ବିଚ୍ୟୁତ ହେବି। ଯେତେ ବନ ରାଜା ହୁଅନ୍ତୁ ମହାରାଜା ହୁଅନ୍ତୁ ସେମାନଙ୍କ ପାଖରୁ ଭିକ୍ଷା ଗ୍ରହଣ କରିବି କାହିଁକି? କାଲି ଭୁବନେଶ୍ୱର ଯାଇଁ ରାଜାଙ୍କୁ ସାକ୍ଷାତ କରି ତାଙ୍କ ଦାନ ଫେରାଇ ଦେବି। ସ୍ୱପ୍ନ ହେଲେ ମଧ ସେ ମତେ ପାଞ୍ଚ ହଜାର ଦାନ ଦେଇଛନ୍ତି। ହରି ପ୍ରଧାନ ସକାଳୁ ଉଠି ଗାଧୁଆ ପାଧୁଆ ସାରି ପଖାଳ ଗଣ୍ଡେ ଖାଇ ବାହାରି ପଡ଼ିଲେ ଭୁବନେଶ୍ୱର। ଗାଁ ଠାରୁ ଚାଳିଶ କିଲୋମିଟର ଦୂର। ଜାତୀୟ ରାଜପଥରେ ଅହରହ ଚାଲିଛି ବସ। ଯେତେବେଳେ ଇଛା ସେତେବେଳେ ଯାଇ ହେଉଛି। ହରି ପ୍ରଧାନ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା ଧୋତି ଖଣ୍ଡିଏ ପିନ୍ଧିଲେ, ଧଳା ଫତେଇଟିଏ ଦେହରେ ଗଳେଇଲେ, କାନ୍ଧରେ ଖଣ୍ଡିଏ ଗାମୁଛା। ବସରୁ ଓହ୍ଲେଇ ଭୁବନେଶ୍ୱରରେ ପଚାରି ପଚାରି ରାଜ ଉଆସରେ ଯାଇ ପହଞ୍ଚିଲେ। ଯୋଗକୁ ସେଦିନ ଥିଲା ରାଜାଙ୍କର ପ୍ରଜା ମାନଙ୍କୁ ତଥା ଜନସାଧାରଣଙ୍କୁ ସାକ୍ଷାତର ଦିନ ଗୁହାରି ଶୁଣିବାର ଦିନ। ଏକଥା ହରି ପ୍ରଧାନ ଜାଣି ନଥିଲେ। ତେଣୁ ସେ ଦିନ ଦରବାର ଭଲ ଖୋଲା ଥିଲା। ପେଣ୍ଟ କୋର୍ଟ ଟାଇ ପିନ୍ଧା ଲୋକ ଅନେକ ଧାଡ଼ି ଧାଡ଼ି ହୋଇ ଚେୟାରରେ ବସିଛନ୍ତି। ଆଉ କିଛି ଥାନ୍ତି ପଞ୍ଜାବି ଟ୍ରାଉଜର ପିନ୍ଧା ଅଧା କଅସିଆ ଲୋକ। ଏମାନଙ୍କ ଭିତରୁ ଦୁଇତିନିଜଣ ଲୋକ ସମସ୍ତଙ୍କୁ ନିରବତା ରକ୍ଷା କରିବା ପାଇଁ ଅନୁରୋଧ କରୁଥାନ୍ତି। କିଏ କେଉଁଠୁ ଆସିଛି ତାର ନାମ ଠିକଣା ଟିପି ନେଇ ଯାଉଥାନ୍ତି। ହରି ପ୍ରଧାନ ବି ତା ଗାଁ ନାଆଁ ବ୍ଲକ ନାଆଁ ନିଜ ନାଆଁ ସବୁ ଲେଖିଦେଲା। ଦିନ ଦଶଟାରେ ରାଜାଙ୍କର ଗୁହାରି ଶୁଣିବା ବେଳ ହୋଇଗଲା। ଟଂ କରି ଗୋଟାଏ ଘଣ୍ଟାର ଶବ୍ଦ ହେଲା। ଲୋକମାନେ ଜାଣି ପାରିଲେ ରାଜା ଏବେ ସାକ୍ଷାତକାର ଘରକୁ ଆସିଗଲେ। ତେଣୁ ସମସ୍ତେ ସଚେତନ ହୋଇ ଉଠିଲେ। ନିରବତା ପୂର୍ବକ ସେହି ସାକ୍ଷାତକାର ଗୃହ ଆଡ଼କୁ ଚାହିଁ ରହିଲେ।

ପଞ୍ଜାବି ଟ୍ରାଉଜର ପିନ୍ଧିଥିବା ଲୋକ ଜଣେ ହାତରେ ଚିଠାଧରି ଦୁଆର ମୁହଁ ପାଖରେ ବସିଲେ। ଚାରି ପାଞ୍ଚଜଣ ପେଣ୍ଟକୋର୍ଟ ପିନ୍ଧା ଲୋକଙ୍କର ଡାକ ପଡ଼ିଲା ସମସ୍ତେ ଜଣ ଜଣ ହୋଇଗଲେ। ଦୁଇ ତିନି ମିନିଟ ଭିତରେ ଫେରି ଆସିଲେ। ପାଞ୍ଚ ନମ୍ବରରେ ପଡ଼ିଲା ହରି ପ୍ରଧାନର ପାଳି। ଡାକରା ଆସିଲା ଭିତରୁ। ହରି ପ୍ରଧାନ ଭିତରକୁ ପଶିଲେ ଦେଖିଲେ ସିଂହାସନରେ ରାଜା ନାହାନ୍ତି। ଚେୟାର ଉପରେ ବସିଛନ୍ତି ଜଣେ ଦରବୁଢ଼ା ମଣିଷ। ପ୍ରଶସ୍ତ କପାଳ ବାଳ ପାଚି ଯାଇଛି। ସାଦା ସିଧା ଧଳା ପୋଷାକ। ହରି ପ୍ରଧାନ ବିସ୍ମିତ ହେଲେ ସେ ଯେଉଁ ରାଜାଙ୍କର ବେଶ ପୋଷାକ ଚେହେରା କଳ୍ପନା କରିଥିଲେ। ଏ ସେମିତି ନୁହନ୍ତି ପୁରା ସାଦାସିଧା ମଣିଷ। ହରି ପ୍ରଧାନ ହାତଯୋଡ଼ି ଛିଡ଼ା ହେଲେ ରାଜା ପଚାରିଲେ ଆମର ଚାଷୀମାନଙ୍କ ପାଇଁ ଯେଉଁ କାଳିଆ ଯୋଜନା ଛଅ ହଜାର ଟଙ୍କା ପାଉଛତ? ତମର ବୟସତ ଷାଠିଏ ଉପରକୁ ଜଣା ପଡୁଛି ବାର୍ଦ୍ଧକ୍ୟ ଭତ୍ତା ପାଉଛତ? ଆଉ ତୁମର ଅସୁବିଧା କ'ଣ? ହରି ପ୍ରଧାନ ହାତ ଯୋଡ଼ି କହିଲା ହଜୁର ମୁଁ କିଛି ପାଉନାହିଁ। ପାଇବା ପାଇଁ ମଧ ଆଶା କରୁନାହିଁ। ଆପଣଙ୍କର ଏ ମହତ ଦାନୀ ଆମ ଚାଷୀକୂଳକୁ ଉଚ୍ଛନ୍ନ କରିଦେଲାଣି। ମୋର ପାଞ୍ଚ ଏକର ଜମି ପଡ଼ିଆ ପଡ଼ିଛି। ଚାଷ ହୋଇପାରୁ ନାହିଁ। ଭାଗଚାଷ କରିବାକୁ କେହି ରାଜି ନୁହନ୍ତି। ଆପଣତ ଗରିବ ଗୁରୁବାଙ୍କୁ ମାଗଣା ଚାଉଳ, ମାଗଣା ଗହମ, ମାଗଣା ଔଷଧ ସବୁ ଯୋଗାଇ ଦେଇଛନ୍ତି। ଗାଆଁ ମୁଣ୍ଡରେ ତ ଚୋର ମଦ ଦୋକାନ ରହିଛି। ଲୋକମାନେ ମାଗଣା ଚାଉଳ ପାଇ କାମ କରିବାକୁ କେହି ଆସୁନାହାନ୍ତି। ଯୁବକମାନେ ମଦ ପିଇ ମାତାଲ ହୋଇ ଗଣ୍ଡାଗୋଳ କରୁଛନ୍ତି। ଆମ ବିଲବାଡ଼ି ଚାଷ କରିବ କିଏ? ହଜୁର ଆପଣ ଯାହାକୁ ମହାପୁଣ୍ୟ ବୋଲି ଭାବୁଛନ୍ତି। ଆମେ ତାକୁ ମହାପାପ ବୋଲି କହୁଛୁ। ଆମେ ଚାଷୀ ଲୋକ ବିଲରେ ଚାଷ କଲେ ଆମ ସଂସାର ଭଲ ଚଳିବ। କିନ୍ତୁ ଆପଣ ଦାନ ଦେବା ଫଳରେ ଗୋଟାଏ ଜାତି କର୍ମକୁଣ୍ଠ କୋଢ଼ିଆ ହୋଇ ଯାଉଛନ୍ତି। ଏମାନଙ୍କର ଭବିଷ୍ୟତ ନଷ୍ଟ ହୋଇଯାଉଛି। ଆପଣ ଏକଥା ପ୍ରତି ଦୃଷ୍ଟି ନଦେଇ କେବଳ ଦାନ ଦେଇ ଚାଲିଛନ୍ତି। ମୋର ବିନୀତ ଅନୁରୋଧ ଆପଣ ଏ ଦାନ ଦେବା ବନ୍ଦ କରନ୍ତୁ। ଓଡ଼ିଶାର ଚାଷୀକୁଳକୁ ବଞ୍ଚାନ୍ତୁ। ସାରା ଓଡ଼ିଶାରେ ହଜାର ହଜାର ଏକର ଜମି ବର୍ତ୍ତମାନ ପଡ଼ିଆ ପଡ଼ିଛି। ତାର କାରଣ ଆପଣ ଅନୁସନ୍ଧାନ କରିଛନ୍ତିକି? ଏବେ କରନ୍ତୁ ବୁଝନ୍ତୁ ଆପଣଙ୍କ ଦାନ ଏ ଜାତିର ହିତ ପାଇଁ କି ଅହିତ ପାଇଁ। ହରି ପ୍ରଧାନ ହାତ ଯୋଡ଼ି କହିଲେ ହଜୁର ମୋର ଗୁରୁଦେବ ଉପଦେଶ ଦେଇଥିଲେ ନିଜେ ପରିଶ୍ରମ କରି ନିଜ ରୋଜଗାରରେ ଚଳ ଭିକ୍ଷା ମାଗନାହିଁ। ହଜୁର ମୁଁ ମୋର ଗୁରୁଙ୍କ ଉପଦେଶ ମାନି ଆଜି ପର୍ଯ୍ୟନ୍ତ ଚଳୁଛି। ମୁଁ ଭିକ୍ଷା ମାଗିବାକୁ ଆସି ନାହିଁ। ହଜୁର ମୋର ନିବେଦନ ଆପଣ ବିଚାର କରିବେ। ଏତକ କହି ହରି ପ୍ରଧାନ ସାକ୍ଷାତକାର ଗୃହରୁ ଫେରି ଆସିଲେ। କେତେ ଜଣ ଦଳୀୟକର୍ମୀ ତାଙ୍କୁ ଘେରି ଗଲେ ପଚାରିଲେ ରାଜା କ'ଣ ଦେଲେ ତୁମକୁ। ହରି ପ୍ରଧାନ କହିଲା ମୁଁ ଭିକାରୀ ନୁହେଁ ମୁଁ ଜଣେ ଚାଷୀ ମୋ ଅନ୍ନରେ ସଂସାର ଚଳୁଛି। ମୁଁ ତାଙ୍କୁ ମାଗିବି କାହିଁକି?


ସତ୍ୟଶ୍ରୀନିବାସ, ତାରାଚାନ୍ଦ ପାଟଣା, କଟକ,
ଦୂରଭାଷ : ୯୨୩୮୬୩୨୭୫୦


## ଅଣସଂକ୍ରାମକ ରୋଗ ବୃଦ୍ଧିର ସତର୍କ ବାଣୀ


॥ ଡାକ୍ତର କାନ୍ତୀ ନାୟକ ॥


ଶରୀର ରହିଲେ ବ୍ୟାଧି ରହିବ ଏବଂ ଏଥିରେ କିଛି ନୂତନତ୍ୱ ନାହିଁ। ବ୍ୟାଧିରୁ ଦୂରେଇ ରହିବା ଏବଂ ଏହାର ନିବାରଣ କରିବା ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ। ଜନସଂଖ୍ୟା ବୃଦ୍ଧି ସହିତ ବ୍ୟାପକ ସହରାୟନ ତଥା ଜୀବନଶୈଳୀରେ ପରିବର୍ତ୍ତନ ଫଳରେ ନୂଆ ନୂଆ ରୋଗ ସୃଷ୍ଟି ହେଉଛି ଏବଂ ରୋଗୀଙ୍କ ସଂଖ୍ୟା ବଢୁଛି। ଜଳବାୟୁ ପରିବର୍ତ୍ତନ, ଆଧୁନିକ ସମାଜର ସାମାଜିକ ଆର୍ଥିକ ଚାପ, ନିଃସଙ୍ଗତା, ବ୍ୟସ୍ତବହୁଳତା, ସୁଷମ ଖାଦ୍ୟର ଅଭାବ ସବୁ ବିକଶିତ ଓ ବିକାଶଶୀଳ ସମାଜ ପାଇଁ ନୂଆ ବ୍ୟାଧି ଏବଂ ସ୍ୱାସ୍ଥ୍ୟଗତ ଆହ୍ୱାନ ସୃଷ୍ଟି କରିଛି।

ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଜ୍ଞାନର ଉଲ୍ଲେଖନୀୟ ଅଗ୍ରଗତି ସତ୍ତ୍ୱେ ଏହି ବର୍ଗର ବ୍ୟାଧିର ଜଟିଳତା ଓ ବ୍ୟାପକତା ସବୁ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ ବଜେଟ, ଡାକ୍ତର, ଚିକିତ୍ସା କେନ୍ଦ୍ର, ଭେଷଜ ଓ ସେବା ଆଦିର ବୃଦ୍ଧି ଘଟିଛି ସତ, ତଥାପି ଅନେକ ଦେଶ ଓ ସମାଜ ଏବେ ମଧ୍ୟ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ ପ୍ରାରମ୍ଭିକ ସ୍ତରରେ ରହିଛନ୍ତି। ଭାରତ ଓ ଓଡ଼ିଶା ମଧ ସେଥିରୁ ବାଦ ପଡ଼ି ନାହାନ୍ତି। ତେଣୁ ସରକାର ଲୋକଙ୍କୁ ସୁସ୍ଥ ଓ ନିରୋଗ ରଖିବାକୁ ନାନାବିଧ ରଣନୀତି ପ୍ରୟୋଗ କରୁଛନ୍ତି। ଭାରତ ତ ଏବେ ବିଶ୍ୱର ଡାଇବେଟିସ ରାଜଧାନୀରେ ପରିଣତ ହୋଇସାରିଛି।

ଏଭଳି ସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିକଟରେ ଯେଉଁ ରିପୋର୍ଟ ପ୍ରକାଶ କରିଛି, ତାହା ଭାରତ ଭଳି ଦେଶଙ୍କ ଚିନ୍ତା ଓ ଦାୟିତ୍ୱ ବଢ଼ାଇବା ସ୍ୱାଭାବିକ। ଏହି ରିପୋର୍ଟ ଅନୁସାରେ ୨୦୩୦ ସୁଦ୍ଧା ଅର୍ଥାତ୍ ଆଉ ପ୍ରାୟ ସାତବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ୫୦ କୋଟି ଲୋକ ହୃଦରୋଗ ଓ ମଧୁମେହରେ ଆକ୍ରାନ୍ତ ହୋଇସାରିଥିବେ। ୨୦୨୦ରୁ ଏହି ଅଣସଂକ୍ରାମକ ବ୍ୟାଧିଗୁଡ଼ିକର ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆଧୁନିକ ଯୁଗର ସବୁଠୁ ବଡ଼ ମାରାତ୍ମକ ବ୍ୟାଧି ହେଲା ଉଚ୍ଚ ରକ୍ତଚାପ। ପ୍ରବଳ ମାନସିକ ଚାପ ଓ ବ୍ୟଗ୍ରତା କେବଳ ରକ୍ତଚାପ ବଢ଼ାଏ ନାହିଁ, ଏହା ମାନସିକ ଅବସାଦ, ହୃଦରୋଗ, ମଧୁମେହ, ହୃଦଘାତ, କ୍ୟାନସର ଓ ଆହୁରି ଅନେକ ରୋଗକୁ ଡ଼ାକିଆଣେ। ମଣିଷ ତ ଚିନ୍ତାମୁକ୍ତ ହୋଇ ରହିବା ସହଜ ନୁହେଁ। ତେଣୁ ଏଭଳି ଅଣସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢ଼ିବା ସ୍ୱାଭାବିକ। ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ନ ବ୍ୟାପିଲେ ମଧ ଆପଣା ଛାଏଁ ଚାପ ଓ ଉତ୍ତେଜନାରୁ ଲୋକଙ୍କ ମଧରେ ସୃଷ୍ଟି ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏହି ରିପୋର୍ଟରେ ଯଥାର୍ଥରେ କୁହାଯାଇଛି ଯେ ଶାରୀରିକ ବ୍ୟାୟାମର ଅଭାବ ଏହି ଅଣସଂକ୍ରାମକ ରୋଗବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ। ତେଣୁ ଲୋକଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାକୁ ଅଧିକରୁ ଅଧିକ ଶାରୀରିକ ଶ୍ରମ, ବ୍ୟାୟାମ ଆଦି କରିବାକୁ ପଡ଼ିବ। ଏଥିପାଇଁ ଖର୍ଚ୍ଚ ପ୍ରାୟ କିଛି ପଡ଼େ ନାହିଁ କହିଲେ ଚଳେ। ଏହା କିନ୍ତୁ ଏସବୁ ବ୍ୟାଧି ପାଇଁ ସବୁଠୁ ବଡ଼ ଔଷଧ। ଅଣସଂକ୍ରାମକ ରୋଗ ବୃଦ୍ଧି ଫଳରେ ବିଭିନ୍ନ ଦେଶର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରିବାକୁ ବାଧ ହେବେ ଏବଂ ତା ଫଳରେ ସେମାନଙ୍କ ବିକାଶ ବାବଦ ବ୍ୟୟ ଅଟକଳ ବଢ଼ିବା ସ୍ୱାଭାବିକ। ସଂଗଠନର ହିସାବ ଅନୁସାରେ ଏହିସବୁ ବ୍ୟାଧିର ଚିକିତ୍ସା ପାଇଁ ଦେଶ ଗୁଡ଼ିକୁ ବାର୍ଷିକ ୨୨ ଟ୍ରିଲିଅନ ଟଙ୍କା ଖର୍ଚ୍ଚ କରିବାକୁ ହେବ।

ଭାରତ ଭଳି ଜନବହୁଳ ଦେଶରେ ବୟସ୍କଙ୍କ ସଂଖ୍ୟା ମଧ ଆନୁପାତିକ ଭାବେ ବଢୁଛି। ସେମାନଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ମଧ ଗୁରୁତ୍ୱ ଦେବାକୁ ପଡ଼ିବ। ଚିନ୍ତାର ବିଷୟ ହେଲା ଯୁବ ବର୍ଗଙ୍କ ମଧରେ ଏବେ ମଧୁମେହ ଟାଇପ-୨, ରକ୍ତଚାପ, ହୃଦରୋଗ, କ୍ୟାନସର, ହାଇପରଟେନସନ ଆଦି ରୋଗ ଅଧିକ ଦେଖାଦେଉଛି। ଏହାର ମୂଳ କାରଣ ହେଲା ସୁଷମ ଖାଦ୍ୟ ଗ୍ରହଣରେ ଅନିୟମିତତା ଏବଂ ଶାରୀରିକ ବ୍ୟାୟାମ ଓ କସରତର ଅଭାବ। ଜୀବନ ତ ସର୍ବଦା ସଂଘର୍ଷମୟ ଏବଂ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଥାଏ। ତା ସତ୍ତ୍ୱେ ନିଜର ବ୍ୟସ୍ତ ବହୁଳ ଜୀବନରୁ ସମୟ ବାହାର କରି ନିଜକୁ ସୁସ୍ଥ ରଖିବାକୁ ଶାରୀରିକ କାର୍ଯ୍ୟ ଓ ବ୍ୟାୟାମ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସର୍ବୋପରି ଜୀବନରେ ସଫଳତା ଓ ବିଫଳତାକୁ ସମାନ ଭାବେ ଗ୍ରହଣ କରି ମାନସିକ ଭାରସାମ୍ୟ ବଜାୟ ରଖିବାକୁ ପଡ଼ିବ। ଭାରତ ସମେତ ଅନେକ ଦେଶ ନିଜର ନାଗରିକଙ୍କ ଶାରୀରିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତରେ ପ୍ରାଚୀନ ପରମ୍ପରା ଅନୁସାରେ ଯୋଗ, ପ୍ରାଣାୟମ, ସାନ୍ଧ୍ୟ ଓ ପ୍ରାତଃ ଭ୍ରମଣ ଆଦିକୁ ପ୍ରୋତ୍ସାହିତ କରାଯାଉଛି। ଖାଦ୍ୟପେୟରେ ସଂଯମକୁ ଗୁରୁତ୍ୱ ଦିଆଯାଉଛି ଏବଂ ଏଥିପାଇଁ ସଚେତନତା ସୃଷ୍ଟି ସବୁସ୍ତରରେ ଚାଲିଛି। ଭାରତ ମଧ ଏକ ଶାରୀରିକ କାର୍ଯ୍ୟକ୍ରମ ନୀତି ପ୍ରଣୟନ କରିଛି। ତେବେ ବିଶ୍ୱର ଅର୍ଦ୍ଧାଧିକ ଦେଶରେ ଏଭଳି କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ନାହିଁ।

ତଥାପି ଭାରତ ପାଇଁ ଚିନ୍ତାର ବିଷୟ ହେଉଛି, ଆମର ଅଧିକାଂଶ ଲୋକ, ବିଶେଷକରି ନଗରବାସୀ ଓ ବୟସ୍କ ଶାରୀରିକ ଶ୍ରମ ଏବଂ ବ୍ୟାୟାମ ଠାରୁ ଦୂରେଇ ରହୁଛନ୍ତି। ସରକାର ସବୁକଥା କରିପାରିବେ ନାହିଁ। ନିଜକୁ ସକ୍ଷମ ଓ ସୁସ୍ଥ ରଖିବାର ମୂଳ ଦାୟିତ୍ୱ ଜନସାଧାରଣଙ୍କର। ଜିହ୍ୱା ଲାଳସାରେ ପ୍ରଚୁର ସୁଆଦିଆ, ତେଲ ମସଲା ଓ ମିଠା ଭୋଜନ ଅତ୍ୟନ୍ତ ବିପଜ୍ଜନକ। ଏହାକୁ ହଜମ କରିବାକୁ ଶାରୀରିକ ଶ୍ରମ ଓ ପାଚନ ପ୍ରକ୍ରିୟାର ସୁସ୍ଥତା ଲୋଡ଼ା। ଏବେ ଏପରି ସମୟ ଆସିଛି, ଆମକୁ ଖାଇବା ପାଇଁ ବଞ୍ଚିବାକୁ ହେବନାହିଁ ବରଂ ସୁସ୍ଥରେ ବଞ୍ଚିବା ପାଇଁ ଭାବିଚିନ୍ତି ଖାଇବାକୁ ପଡ଼ିବ। ଆମ ଭିତରେ ଏହି ସଚେତନତା ଆସିଲେ ଏହା ଜନସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରୁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। କଥାରେ ଅଛି ନିଜ ସ୍ୱାସ୍ଥ୍ୟ ନିଜ ହାତରେ। ସ୍ୱାସ୍ଥ୍ୟ ହିଁ ସମ୍ପଦ, ଉଭୟ ବ୍ୟକ୍ତି ଓ ଜାତୀୟ କ୍ଷେତ୍ରରେ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ


## ଗାଡ଼ି ଚାଳନାର ସମୟ କ୍ଷେତ୍ର


॥ ଅଭୟ କୁମାର ଦାସ ॥


ଏକ ଅନୁଧ୍ୟାନରୁ ଦେଖାଯାଇଥିଲା ଯେ, ଡ୍ରାଇଭରମାନେ କ୍ରମାଗତ ଅଧିକ ସମୟ ଗାଡ଼ି ଚଳାଇ ଶୋଇବାକୁ ସମୟ ପାଉନଥିବାରୁ କ୍ଳାନ୍ତ ହୋଇଯାଉଛନ୍ତି ଏବଂ ତାହା ଭାରତରେ ଅଧିକ ରାସ୍ତା ଦୁର୍ଘଟଣା ଓ ତତଜନିତ ମୃତାହତର ସବୁଠାରୁ ବଡ଼ କାରଣ। ପ୍ରକୃତରେ ବିଶ୍ୱସ୍ତରରେ ଭାରତରେ ରାସ୍ତା ନିରାପତ୍ତା ରେକର୍ଡ଼ ଅତି ଖରାପ। ଉପରୋକ୍ତ ସ୍ଥିତିରେ ଏବେ ଟ୍ରକ, ବସ ଓ ବ୍ୟବସାୟିକ ଯାନଗୁଡ଼ିକ ଲାଗି ଡ୍ରାଇଭରମାନଙ୍କ ସକାଶେ ଗାଡ଼ି ଚଳାଇବା ସମୟ ସୀମିତ କରିବାକୁ ଚିନ୍ତା କରାଯାଉଛି। ଏଥିପାଇଁ ଏକ ନୀତି ବିଚାର କରାଯାଉଛି। ବିମାନ ପାଇଲଟ ମାନଙ୍କ ପରି ଡ୍ରାଇଭରମାନେ କ୍ରମାଗତ ନିର୍ଦ୍ଦିଷ୍ଟ ସମୟ ସକାଶେ ଗାଡ଼ି ଚଳାଇବାକୁ ସ୍ଥିର କରାଯିବ। କେନ୍ଦ୍ର କ୍ୟାବିନେଟର ଅନ୍ୟତମ ଦକ୍ଷ ଓ ଉତ୍ସାହୀମନ୍ତ୍ରୀ ଭାବେ ଜଣାଶୁଣା ରାସ୍ତା ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏ ଦିଗରେ ଆଗ୍ରହୀ। ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ବ୍ୟବସାୟିକ ଯାନ ଗୁଡ଼ିକରେ ସେ ଡ୍ରାଇଭରମାନଙ୍କର ଶୋଇବା ବା ଘୁମାଇବା ଧରିବାକୁ ସେନ୍ସର ଲଗାଇବାକୁ ଚାହାଁନ୍ତି। ଅନେକ ଦେଶରେ ଡ୍ରାଇଭରମାନେ କେତେ ସମୟ କାମ କରୁଛନ୍ତି ତାହା ଜାଣିବା ପାଇଁ ଇଲେକ୍ଟ୍ରାନିକ ଲଗିଂ ବ୍ୟବସ୍ଥା ରହିଛି। ସରକାରଙ୍କ ଏହି ଯୋଜନାକୁ ସବୁ ଦିଗରୁ ସମର୍ଥନ ମିଳିବା ଦରକାର। କାରଣ ଏଥିଲାଗି ପରିବହନ ଉଦ୍ୟୋଗରେ କେବଳ ଏକ ବିଜ୍ଞପ୍ତି ବା ନିର୍ଦ୍ଦେଶନାମା କାମ ଦେବ ନାହିଁ। କରୋନା ବେଳେ ପରିବହନ କ୍ଷେତ୍ର ଯଥେଷ୍ଟ ପ୍ରଭାବିତ ହୋଇଛି। ଏବେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସେହି କ୍ଷେତ୍ରରେ ଚାପକୁ ବଢ଼ାଇଛି। ଘରୋଇ ଗାଡ଼ି ବ୍ୟବସାୟୀମାନେ ଡ୍ରାଇଭରମାନଙ୍କ ପାଇଁ ସର୍ବାଧିକ ଗାଡ଼ି ଚଳାଇବା ସମୟ ନିର୍ଦ୍ଧାରଣ ନିଷ୍ପତ୍ତିରେ ଖୁସ ନହୋଇପାରନ୍ତି ତଦ୍ୱାରା ସେମାନଙ୍କ ଖର୍ଚ୍ଚ ବଢ଼ିଯିବ। ଏ ଦୃଷ୍ଟିରୁ ଉପରୋକ୍ତ ପ୍ରସ୍ତାବ ଉପରେ ବାସ୍ତବବାଦୀ ଆଭିମୁଖ୍ୟ ନେବାକୁ ହେବ। ସରକାର ଓ ଶିଳ୍ପ ବ୍ୟବସାୟିକ ଉଦ୍ୟୋଗ ଏହା ଉପରେ ଖୋଲାଖୋଲି ଆଲୋଚନା କରିବା ଦରକାର। ତାପରେ ହିଁ ନିୟମାବଳୀରେ ପରିବର୍ତ୍ତନ ଅଣାଗଲେ ଭଲ ହେବ।

ଡ୍ରାଇଭରମାନେ କେତେ ସମୟ ଗାଡ଼ି ଚଳାଇବା ଓ ବିଶ୍ରାମ ନେବେ ସେ ସମ୍ପର୍କରେ ଆଗରୁ ବ୍ୟବସ୍ଥା ରହିଛି। ୧୯୬୧ରେ ପ୍ରଣୀତ ମଟର ପରିବହନ କର୍ମଚାରୀ ଆଇନରେ ଏହି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା। ଘରୋଇ ଟ୍ରକ, ବସ୍ ଓ ଟ୍ୟାକ୍ସି ଚାଳକମାନେ ଏହି ବ୍ୟବସ୍ଥାକୁ ପ୍ରାୟତଃ ମାନନ୍ତି ନାହିଁ। କିନ୍ତୁ ସରକାରୀ ଷ୍ଟାଫ ଏ ସମ୍ପର୍କରେ ନିଜର ଆପତ୍ତି ଜଣାଇଛନ୍ତି। ପଞ୍ଜାବ ଓ ହରିଆନା ହାଇକୋର୍ଟ ଏ ପ୍ରସଙ୍ଗରେ କହିଛନ୍ତି ଯେ ହରିଆନାର ସରକାରୀ ବସ ଡ୍ରାଇଭରମାନେ ଦିନକୁ ୧୦ ଘଣ୍ଟାରୁ ଅଧିକ ବା ସପ୍ତାହକରେ ୪୮ ଘଣ୍ଟାରୁ ଅଧିକ ସମୟ ଗାଡ଼ି ଚଳାଇବେ ନାହିଁ ଏବଂ ଦୀର୍ଘପଥ ଅତିକ୍ରମ କରୁଥିଲେ ସେମାନଙ୍କ ପାଇଁ ଅତିରିକ୍ତ ବିଶ୍ରାମ ବ୍ୟବସ୍ଥା କରାଯିବ। ଘରୋଇ ଡ୍ରାଇଭରମାନଙ୍କ ପାଇଁ ସେହି ନିୟମ ଲାଗୁ ହେଲେ ରାସ୍ତା ନିରାପତ୍ତା ବଢ଼ିବ ଓ କର୍ମଚାରୀମାନଙ୍କର କଲ୍ୟାଣ ମଧ ହେବ। ଜାତୀୟ ସ୍ତରରେ ଏ ଦିଗରେ ପଦକ୍ଷେପ ନିଆଯିବା ଲୋଡ଼ା। ମଟରଗାଡ଼ି ଆଇନ ସଂଶୋଧନରେ ଭାରତରେ ରାସ୍ତା ପରିହବନ ବ୍ୟବସ୍ଥାରେ ଅଧିକ ଶୃଙ୍ଖଳା ଅଣାଯିବ ବୋଲି ଆଶା କରାଯାଉଥିଲା। ନିୟମକୁ କଠୋର କରି କଡ଼ା ଦଣ୍ଡ ବ୍ୟବସ୍ଥା ଦ୍ୱାରା ହିଁ ରାସ୍ତାରେ ଭାରତୀୟମାନଙ୍କର ଆଚରଣକୁ ଶୃଙ୍ଖଳିତ କରିହେବ। ଏ ଦିଗରେ ଅଗ୍ରଗତି ମନ୍ଥର। ଟ୍ରାଫିକ ନିୟମର ଉଲ୍ଲଙ୍ଘନ ବ୍ୟତୀତ ରାସ୍ତାରେ ଗାତ ଓ ଖାଲ ମଧ ଦୁର୍ଘଟଣାର ଅନ୍ୟତମ କାରଣ। ଭାରତରେ ଅସଂଖ୍ୟ ଗଳିରାସ୍ତା ରହିଛି। ରାସ୍ତାଗୁଡ଼ିକରେ ଟ୍ରାଫିକ ସିଗନାଲ କ୍ୱଚିତ କାମ କରୁଛି ବା ନାହିଁ। ସମଗ୍ର ରାସ୍ତା ବ୍ୟବସ୍ଥାରେ ଏ ଦିଗ ଗୁଡ଼ିକୁ ମଧ ଦୃଷ୍ଟି ଦିଆଯିବା ଦରକାର। ତେବେ ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଓ ସମର୍ଥନ ଓ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ସରକାର ଓ ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେଲେ ହେବନାହିଁ।


ଗୋତରା, ମାହାଙ୍ଗା, କଟକ,

# ଭାରତରୁ ଟଙ୍କା ଉଠେଇ ନେଇ ଚୀନରେ ନିବେଶ କରୁଛନ୍ତି ବିଦେଶୀ ନିବେଶକ

**ନୂଆଦିଲ୍ଲୀ,୪।୩(ଏଜେନ୍ସି):** ବିଦେଶୀ ନିବେଶକଙ୍କ ଟଙ୍କା ଟାଣିନେଉଛି ଡ୍ରାଗନ୍ । ଭାରତଠୁ ମୁହଁ ଫେରାଇ ନେଉଛନ୍ତି ବିଦେଶୀ ନିବେଶକ । ବିଦେଶୀ ନିବେଶକଙ୍କ ଦ୍ୱାରା ଅକ୍ଟୋବର ୨୦୨୪ରେ ଆରମ୍ଭ ହୋଇଥିବା ବିକ୍ରୟ ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ । ଗତ ୫ ମାସର ତଥ୍ୟ ଦେଖିବା ତେବେ, ଏପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପ୍ରାୟ ୩୭ ବିଲିୟନ ଡଲାର ପ୍ରତ୍ୟାହାର କରିସାରିଛନ୍ତି । ଯଦି ଆମେ କେବଳ ଫେବୃଆରୀ ୨୦୨୫ ବିଷୟରେ କହିବା, ତେବେ FII ୩୪,୫୭୪ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ । ଏପରି ପରିସ୍ଥିତିରେ, ଏହା ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ଟଙ୍କା ପ୍ରତ୍ୟାହାର କରିବା ପରେ କେଉଁଠି ନିବେଶ କରୁଛନ୍ତି ? ବର୍ତ୍ତମାନ, ବିଦେଶୀ ନିବେଶକଙ୍କ ମଧ୍ୟରେ ଏକ ଟ୍ରେଣ୍ଡ ଚାଲିଛି 'ଭାରତରେ ବିକ୍ରି କରନ୍ତୁ, ଚୀନରେ କିଣନ୍ତୁ' । ଏହି ନାରା ବା ଟ୍ରେଣ୍ଡ ଯୋଗୁଁ, ଭାରତୀୟ ବଜାର ନିରନ୍ତର ଭାବେ ତଳକୁ ଖସି ଖସି ଚାଲିଛି, ଅନ୍ୟପଟେ ଚୀନ୍ ବଜାର ଦିନକୁ ଦିନ ବଢିବାରେ ଲାଗିଛି । ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୨୦୨୪ ପରଠାରୁ ଭାରତୀୟ ବଜାରର ମାର୍କେଟ୍ କ୍ୟାପ୍ ଯଥେଷ୍ଟ ହ୍ରାସ ପାଇଛି, କିନ୍ତୁ



ଅନ୍ୟପଟେ ଚୀନର ମାର୍କେଟ୍ କ୍ୟାପ୍ ଲଗାତାର ବୃଦ୍ଧି ପାଇ ପ୍ରାୟ ୨ ଟ୍ରିଲିୟନ ଡଲାର ବୃଦ୍ଧି ହୋଇଛି । ଆସନ୍ତୁ ଏବେ ବୁଝିବା କାହିଁକି ବିଦେଶୀ ନିବେଶକମାନେ ଚୀନର ସେୟାର ବଜାରରେ ନିବେଶ କରୁଛନ୍ତି । ଗତ କିଛି ମାସ ମଧ୍ୟରେ ଚୀନର ସେୟାର ବଜାର ଏକ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି, ଯାହା ନିବେଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଗୋଟିଏ ମାସରେ ୧୬ ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ଭାରତର ନିଫ୍ଟି ୨ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଚୀନ୍ କମ୍ପାନୀଗୁଡ଼ିକର କମ ମୂଲ୍ୟାଙ୍କନ ଏବଂ ଅଧିକ ଆୟ ନିବେଶକମାନଙ୍କୁ ଆକର୍ଷିତ କରିଛି, ବିଶେଷକରି ଆଲିବାବା ଏବଂ ଲେନୋଭୋ ଭଳି କମ୍ପାନୀଗୁଡ଼ିକର ପ୍ରଦର୍ଶନ ଚୀନ୍ ବଜାରକୁ ବିଦେଶୀ ନିବେଶକମାନଙ୍କୁ ଆକର୍ଷିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଭାରତୀୟ ଷ୍ଟକ୍ ବଜାରରେ ଗତ କିଛି ମାସ ମଧ୍ୟରେ ଏକ ବଡ଼ ହ୍ରାସ ଘଟିଛି, ଯାହା ଭାରତୀୟ ବଜାର ପ୍ରତି ବିଦେଶୀ ନିବେଶକଙ୍କ ବିଶ୍ୱାସକୁ ଭାଙ୍ଗି ଦେଇଛି । ଅକ୍ଟୋବର ୨୦୨୪ ପରଠାରୁ ଭାରତୀୟ ଷ୍ଟକ୍ ବଜାର ଏକ ଟ୍ରିଲିୟନ ଡଲାରରୁ ଅଧିକ ପୁଞ୍ଜି ହରାଇଛି, ଯେତେବେଳେ ଚୀନ୍ ସେହି ସମୟ ମଧ୍ୟରେ ଦୁଇ ଟ୍ରିଲିୟନ ଡଲାର ଲାଭ କରିଛି ।

# ପ୍ରଥମେ ଶାନ୍ତି ଆଲୋଚନା ପରେ ସହାୟତା : ଟ୍ରମ୍ପ

**ନୂଆଦିଲ୍ଲୀ,୪।୩(ଏଜେନ୍ସି):** ହ୍ୱାଇଟ ହାଉସରେ ଟ୍ରମ୍ପ ଓ ଜେଲେନସ୍କିଙ୍କ ମଧ୍ୟରେ ଘଟିଥିବା ତୁ ତୁ ମେଁ ମେଁ ସାରା ବିଶ୍ୱରେ ଚର୍ଚ୍ଚିତ ଖବର ପାଲଟିଥିଲା । ଆଉ ଏହି ଆଶଙ୍କା ମଧ କରାଯାଉଥିଲା କି ହୁଏତ କିଛି ବଡ ପଦକ୍ଷେପ ଗ୍ରହଣ କରିପାରନ୍ତି ଆମେରିକା ରାଷ୍ଟ୍ରପତି । ୪୮ ଘଣ୍ଟା ନ ପୁରୁଣୁ ଟ୍ରମ୍ପ ପ୍ରଶାସନର ଘୋଷଣା ୟୁକ୍ରେନକୁ ଚିନ୍ତାରେ ପକାଇଛି । ୟୁକ୍ରେନ ପ୍ରତି ଆମେରିକାର ସରକାରଙ୍କ ଆଭିମୁଖ୍ୟକୁ ନେଇ ସବୁଠି ଚର୍ଚ୍ଚା । ତତକାଳୀନ ବାଇଡେନ ସରକାର ରୁଷକୁ ବିରୋଧ ଓ ୟୁକ୍ରେନକୁ ପୂର୍ଣ୍ଣ ସମର୍ଥନ ଜଣାଇ ଆସୁଥିବାବେଳେ ଏବେ କ୍ରମଶ ଚିତ୍ର ବଦଳୁଛି ଯୁଦ୍ଧ ପାଇଁ ବାଇଡେନ ସରକାର ଯେଉଁ ସାମରିକ ସହାୟତା କରିଆସୁଥିଲେ ତାକୁ ରୋକିଛନ୍ତି କରିଛନ୍ତି ଟ୍ରମ୍ପ ସରକାର । ସୋମବାର ଏନେଇ ପେଣ୍ଟାଗନ ପକ୍ଷରୁ ସୂଚନା ଦିଆଯାଇଛି । ଆମେରିକା କହିଛି ଦୁନିଆ ଆଉ ଯୁଦ୍ଧ ଚାହୁଁନି । ଏହା ବନ୍ଦ ହେବା ଜରୁରୀ । ଯେଉଁ ପର୍ଯ୍ୟନ୍ତ ୟୁକ୍ରେନ ରୁଷ ସହ ଶାନ୍ତି ଆଲୋଚନା ପାଇଁ ରାଜି ହେବନି ସେ ପର୍ଯ୍ୟନ୍ତ କୌଣସି ସହାୟତା କରିବନି ଆମେରିକା । ଗୋଟେ ପଟେ ୟୁକ୍ରେନକୁ ଝଟକା ଅନ୍ୟପଟେ ରୁଷ ପାଇଁ ଆଶ୍ୱସ୍ତି ଆଣିଛନ୍ତି । ତତକାଳୀନ ବାଇଡେନ ସରକାର ରୁଷ ଉପରେ ଯେଉଁ ସବୁ ପ୍ରତିବନ୍ଧକ ଲଗାଥିଲେ ତାକୁ ହଟାଇବାକୁ ନିଷ୍ପତ୍ତି ନେଇଛି ଆମେରିକା । ୟୁକ୍ରେନ ବିରୋଧରେ ଯୁଦ୍ଧକୁ ବିରୋଧ କରି ପୂର୍ବ ଆମେରିକା ସରକାର ରୁଷର ଅନେକ କମ୍ପାନୀ ଉପରେ କଟକଣା ଲଗାଇବା ସହ କିଛି ବଡ ନିଷ୍ପତ୍ତି ନେଇଥିଲେ ଯାହାକୁ କୋହଳ କରିବାକୁ ଯାଉଛନ୍ତି ଟ୍ରମ୍ପ । ନିକଟରେ ଓଭାଲ ଅଫିସରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ଯାଇଥିଲେ ୟୁକ୍ରେନ ରାଷ୍ଟ୍ରପତି । ଆଶା କରାଯାଉଥିଲା ଉଭୟ ରାଷ୍ଟ୍ରନେତାଙ୍କ ମଧ୍ୟରେ ସଫଳ ବୈଠକ ହେବ ଓ ଯୁଦ୍ଧ ବନ୍ଦ ପାଇଁ ନୂଆ ବାଟ ଫିଟିବ । କିନ୍ତୁ ଘଟିଲା କିଛି ଅଲଗା । ଟ୍ରମ୍ପ ଓ ଜେଲେନସ୍କିଙ୍କ ମଧ୍ୟରେ କଥାକଟାକଟି ଉଭୟ ଦେଶର କୁଟନୀତି ସମ୍ପର୍କକୁ ନୂଆ ମୋଡ ଦେଇଛି । ଯାହାର ପରିଣାମ ସ୍ୱରୁପ ଏବେ ରୁଷର ନିକଟତର ହେବା ସହ ୟୁକ୍ରେନଠୁ ଦୂରେଇବାରେ ଲାଗିଛି ଆମେରିକା ।

# ରାମ ମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ର, ସଂଦିଗ୍ଧ ଗିରଫ

**ଫରିଦାବାଦ,୪।୩(ଏଜେନ୍ସି):** ଅଯୋଧ୍ୟାର ପ୍ରସିଦ୍ଧ ରାମ ମନ୍ଦିର ଉପରେ ଆକ୍ରମଣ କରିବାକୁ ଆତଙ୍କବାଦୀମାନେ ଷଡ଼ଯନ୍ତ୍ର କରୁଥିବା ଜଣାପଡ଼ିଛି । ଗୁଜରାଟ ଏଟିଏସ୍ ଫରିଦାବାଦ ଏସଟିଏଫ ସହାୟତାରେ ଆତଙ୍କବାଦୀ ସଂଗଠନ



ସହ ସମ୍ପୃକ୍ତି ଥିବା ସନ୍ଦେହରେ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିଛି । ସନ୍ଦିଗ୍ଧଙ୍କ ନିକଟରୁ ଦୁଇଟି ହ୍ୟାଣ୍ଡଗ୍ରେନେଡ୍ ଜବତ ହୋଇଥିବା ବେଳେ ଫରିଦାବାଦରେ ସୁରକ୍ଷା ଏଜେନ୍ସି ଗ୍ରେନେଡ୍ କୁ ନିଷ୍କ୍ରିୟ କରିଛି । ତଦନ୍ତରୁ ରାମ ମନ୍ଦିରକୁ ଟାର୍ଗେଟ କରିବାକୁ ଷଡ଼ଯନ୍ତ୍ର ହୋଇଥିବା ଜଣାପଡ଼ିଛି । ଅବଦୁଲ ରେହମାନ ହେଉଛି ୟୁପିର ବାସିନ୍ଦା, ଯାହାକୁ ରବିବାର ଗିରଫ କରାଯାଇଥିଲା । ଗୁଜରାଟ ଏଟିଏସ୍ ସନ୍ଦିଗ୍ଧକୁ ଗୁଜୁରାଟ ନେଇ ପଚରାଉଚରା ଜାରି ରଖିଛି । ତା' ନିକଟରୁ ଉଗ୍ରବାଦୀ ସାମଗ୍ରୀ ମଧ ଜବତ କରାଯାଇଛି, ଯାହା ଆତଙ୍କବାଦୀ କାର୍ଯ୍ୟକଳାପକୁ ନିଶ୍ଚିତ କରିପାରିବ । ମିଳିଥିବା ସୂଚନା ଅନୁଯାୟୀ ଅବଦୁଲ ରେହମାନ ଆଇଏସଆଇ ସହ ଯୋଗାଯୋଗରେ ଥିଲା । ସେ ଫୈଜାବାଦରେ ଏକ ମଟନ ଦୋକାନ ଚଳାଉଥିଲା ଏବଂ ଅଟୋ ଡ୍ରାଇଭର ଭାବରେ ମଧ କାମ କରୁଥିଲା । ଏହି ଷଡ଼ଯନ୍ତ୍ରର ଏକ ଅଂଶ ଭାବରେ ସେ ଅନେକ ଥର ଅଯୋଧ୍ୟାର ରାମ ମନ୍ଦିରର ରେକି କରିଥିଲା ଏବଂ ସମସ୍ତ ସୂଚନା ପାକିସ୍ତାନ ଆଇଏସଆଇକୁ ବାଣ୍ଟିଥିଲା । ଫୈଜାବାଦରୁ ଟ୍ରେନ୍ ଯୋଗେ ଅବଦୁଲ ଫରିଦାବାଦରେ ପହଞ୍ଚି ଜଣେ ହ୍ୟାଣ୍ଡଲର ଠାରୁ ହ୍ୟାଣ୍ଡଗ୍ରେନେଡ୍ ନେଇଥିଲା, ଯାହା ପରେ ସେ ଅଯୋଧ୍ୟା ଫେରିବାକୁ ପ୍ରସ୍ତୁତ ହେଉଥିଲା ।

# ଆମେରିକୀୟ ସାମଗ୍ରୀ ଉପରେ ଟାରିଫ୍ ଲଗାଇ ଜବାବ ଦେଲା ଚୀନ୍

**ନୂଆଦିଲ୍ଲୀ,୪।୩(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍(ଆନ୍ତର୍ଜାତୀୟ ବାଣିଜ୍ୟ ଉପରେ ଲାଗୁ କର) ଯୋଜନା ବିଶ୍ୱରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଛି । ଆମେରିକା ଚୀନ୍ ଉପରେ ଟାରିଫ୍ ଲାଗୁ କରିବା ପରେ, ଏବେ ଚୀନ୍ ମଧ ଆମେରିକୀୟ ସାମଗ୍ରୀ ଉପରେ ଟାରିଫ୍ ଲଗାଇବାକୁ ଘୋଷଣା କରିଛି । ଏହା ସହ ମେକ୍ସିକୋ ଏବଂ କାନାଡା ମଧ ପ୍ରତିଶୋଧ ସ୍ୱରୂପ ଟାରିଫ୍ ଘୋଷଣା କରିଛନ୍ତି । ଆମେରିକୀୟ ସାମଗ୍ରୀ ଉପରେ ଚୀନ୍ ୧୦ରୁ ୧୫ ପ୍ରତିଶତ ଅତିରିକ୍ତ ଟାରିଫ୍ ଲାଗୁ କରିବାକୁ ଯାଉଛି । ଅନ୍ୟପକ୍ଷରେ, କାନାଡା ମଧ ଆମେରିକୀୟ ସାମଗ୍ରୀ ଉପରେ ୨୫ପ୍ରତିଶତ ଟାରିଫ୍ ଘୋଷଣା କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେକ୍ସିକୋ ଏବଂ କାନାଡାରୁ ଆସୁଥିବା ସାମଗ୍ରୀ ଉପରେ ୨୫ପ୍ରତିଶତ ଟାରିଫ୍ ଘୋଷଣା କରିବା ପରେ ଆମେରିକୀୟ ସାମଗ୍ରୀର ଟାରିଫ୍ ବଢାଇଛନ୍ତି । ଏହି



ଦେଶ । କାନାଡିୟ ଶକ୍ତି ଉତ୍ପାଦ ଉପରେ ୧୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲାଗୁ କରାଯାଇଛି । ଏହା ସହ ଆମେରିକା, ଚୀନ୍ ସାମଗ୍ରୀ ଉପରେ ଟାରିଫକୁ ଦୁଇଗୁଣ କରି ୨୦ ପ୍ରତିଶତ କରିଛି । ଚୀନ୍ ଅର୍ଥ ମନ୍ତ୍ରାଳୟର ଏକ ବିବୃତ୍ତି ଅନୁଯାୟୀ, ଅତିରିକ୍ତ ଟାରିଫ୍ ମାର୍ଚ୍ଚ ୧୦ରୁ କାର୍ଯ୍ୟକାରୀ ହେବ । ଟାରିଫ୍ ବାଇବା ସହ ଚୀନ୍ ୨୫ଟି ଆମେରିକୀୟ କମ୍ପାନିର ରପ୍ତାନୀ ଏବଂ ନିବେଶ ଉପରେ ରୋକ ଲଗାଇଛି । ମାର୍ଚ୍ଚ ୧୦ ତାରିଖରୁ ଆମେରିକୀୟ କୁକୁଡ଼ା ମାଂସ, ଗହମ, ମକା ଏବଂ କପା ଆମଦାନୀ ଉପରେ ୧୫ ପ୍ରତିଶତ ଅତିରିକ୍ତ ଟାରିଫ୍ ଲାଗୁହେବା ସହ ଆମେରିକୀୟ ସୋୟାବିନ୍, ଘୁଷୁରୀ ମାଂସ, ଗୋମାଂସ, ସାମୁଦ୍ରିକ ଉତ୍ପାଦ, ଫଳ, ପନିପରିବା ଏବଂ କ୍ଷୀରଜାତୀୟ ଉତ୍ପାଦର ଆମଦାନୀ ଉପରେ ୧୦ ପ୍ରତିଶତ ଟାରିଫ୍ ଲାଗୁ କରିବ ଚୀନ୍ । ଉଲ୍ଲେଖଯୋଗ୍ୟ, ଚୀନ୍ ଟାରିଫ୍ ଲାଗୁ କରିବା ପୂର୍ବରୁ, ଟ୍ରମ୍ପ୍ ଚୀନ୍ ଉପରେ ଅତିରିକ୍ତ ୧୦ପ୍ରତିଶତ ଟାରିଫ୍ ଲାଗୁ କରିବାକୁ ଧମକ ଦେଇଥିଲା, ଯାହା ଆଜିଠୁ ଲାଗୁ ହୋଇଛି । ଏହି କାରଣରୁ, ଚୀନ୍ ଉପରେ ପୂର୍ବରୁ ଲାଗୁ ହୋଇଥିବା ମୋଟ ଟାରିଫ୍ ଦୁଇ ଗୁଣ ବୃଦ୍ଧି ପାଇ ୨୦ପ୍ରତିଶତ ହୋଇଯାଇଛି । ଆମେରିକାକୁ ଫେଣ୍ଟାନିଲ୍ ଭଳି ସିନ୍ଥେଟିକ୍ ଔଷଧର ପ୍ରବାହକୁ ରୋକିବା ପାଇଁ ଟାରିଫ୍ ଦ୍ୱିଗୁଣିତ କରିଛନ୍ତି ଆମେରିକା ସରକାର ।

# କମିଲା ପେଟ୍ରୋଲ ଦର

**ରାୟପୁର,୪।୩(ଏଜେନ୍ସି):** ପେଟ୍ରୋଲ ଦାମ୍ ଶସ୍ତା ହୋଇଛି । ଛତିଶଗଡ଼ ସରକାର ରାଜ୍ୟ ବଜେଟ-୨୦୨୫ ଆଗତ କରିବା ସହ ଜନତାଙ୍କୁ ଦେଇଛନ୍ତି ଏକ ବଡ଼ ଉପହାର । ପେଟ୍ରୋଲ ଦାମ୍ ପ୍ରତି ଲିଟର ପିଛା ୧ ଟଙ୍କା କମିଥିବା ଅର୍ଥ ମନ୍ତ୍ରୀ ଘୋଷଣା କରିଛନ୍ତି । ବିଷ୍ଣୁଦେବ ସାୟଙ୍କ ସରକାରରେ ଅର୍ଥମନ୍ତ୍ରୀ ଥିବା ଓପି ଚୌଧରୀ ପେଟ୍ରୋଲ ହ୍ରାସ ନେଇ ଘୋଷଣା କରାଯାଇଛି । ରାଜ୍ୟ ସରକାରଙ୍କ ତରଫରୁ ପେଟ୍ରୋଲ ଦର ୧ ଟଙ୍କା ହ୍ରାସ କରାଯାଇଥିବା ସେ କହିଛନ୍ତି । ବର୍ତ୍ତମାନ ରାଜ୍ୟର ଅଧିକାଂଶ ସହରରେ ପେଟ୍ରୋଲ ଦର ୧୦୦ ଟଙ୍କା ପାର କରିଛି । ରାଜଧାନୀ ରାୟପୁରରେ ଏକ ଲିଟର ପେଟ୍ରୋଲ ଦାମ ୧୦୦.୪୫ ଟଙ୍କାରେ ବିକ୍ରି ହେଉଛି ।



ରାଜନାନ୍ଦଗାଓଁରେ ଏହା ୧୦୦.୮୫ ଟଙ୍କା ପ୍ରତି ଲିଟର ରହିଛି । ସରକାରଙ୍କ ପକ୍ଷରୁ ଘୋଷଣା ପରେ ଅନେକ ସହରରେ ପେଟ୍ରୋଲ ଦାମ୍ ୧୦୦ ଟଙ୍କା ତଳକୁ ଖସିଯିବ । ରାଜ୍ୟର ଅନ୍ୟ ବଡ଼ ବଡ଼ ସହର କଥା ଯଦି କହିବା, ବସ୍ତରରେ ମାର୍ଚ୍ଚ ୩ରେ ପେଟ୍ରୋଲ ଦାମ ୧୦୨.୧୧ ଟଙ୍କା ପ୍ରତି ଲିଟର ରହିଥିଲା । ସେହିପରି ବାଲୋଦବଜାରରେ ୧୦୧.୧୮, ବୀଜାପୁରରେ ୧୦୧.୨୫, ବିଲାସପୁରର ୧୦୧.୨୫, ଦନ୍ତେୱାଡ଼ାରେ ୧୦୨.୦୯, ଧମତରୀରେ ୧୦୦.୭୭, ଦୁର୍ଗରେ ୧୦୦.୮୦ ଓ ଜଶପୁରରେ ୧୦୧.୯୩ ଟଙ୍କା ରହିଥିଲା ।

# ୟୁକ୍ରେନର ନାଗରିକତା ଆପଣାଇ ନିଅ, ଏହାପରେ କଥା ହୁଅ

**ନୂଆଦିଲ୍ଲୀ,୪।୩(ଏଜେନ୍ସି):** ଖୁବ୍ ଦାମ୍ଭିକତାର ଆଭିମୁଖ ଆପଣାଇଛନ୍ତି ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି । ଆମେରିକୀୟ ସାଂସଦ ଲିଣ୍ଡସେ ଗ୍ରାହମ କରିଥିବା ଟିପ୍ପଣୀ ଉପରେ କଡ଼ା ଜବାବ ଦେଇଛନ୍ତି । ଲିଣ୍ଡସେ ଗ୍ରାହମ କହିଥିଲେ କି ଜେଲେନସ୍କିଙ୍କୁ ୟୁକ୍ରେନର ରାଷ୍ଟ୍ରପତିର ପଦ ଛାଡ଼ି ଦେବା ଉଚିତ୍ । ଏହା ଉପରେ ସେ କହିଛନ୍ତି ଯେ, ଯଦି ତାଙ୍କୁ ଲାଗୁଛି କି ତାଙ୍କର ରାୟକୁ ମହତ୍ତ୍ୱ ଦିଆଯାଉ ତ ଆସି ୟୁକ୍ରେନର ନାଗରିକତା ଆପଣାନ୍ତୁ । ଏହାପରେ ସେ ନିଜର ରାୟ ଦେଇ ପାରନ୍ତି ଏବଂ ପୁଣି ଏହା ଉପରେ ଜଣେ ନାଗରିକ ଭାବେ ବିଚାର କରାଯିବ । ଜେଲେନସ୍କି କହିଛନ୍ତି , ମୁଁ ତାଙ୍କୁ ୟୁକ୍ରେନର ନାଗରିକତା ଦେଇ ପାରିବି । ସେ ଆମ ଦେଶର ନାଗରିକ ହୋଇ ପାରିବେ, ଏହାପରେ ତାଙ୍କ କଥାର ମହତ୍ତ୍ୱ ବଢ଼ିଯିବ । ସେତେବେଳେ ମୁଁ ତାଙ୍କ କଥା ଜଣେ ୟୁକ୍ରେନୀ ନାଗରିକ ଭାବେ ଶୁଣିବି ଯେ, ରାଷ୍ଟ୍ରପତି କିଏ ହେବା ଉଚିତ୍ । ଗୋଟେ ସମୟରେ ୟୁକ୍ରେନର ସମର୍ଥକ ରହି ଥିବା ଗ୍ରାହମ କହିଥିଲେ ଯେ ଯେବେସୁଦ୍ଧା ନିର୍ବାଚନ ହେବ ନାହିଁ , ସେପର୍ଯ୍ୟନ୍ତ ୟୁକ୍ରେନରେ କିଛି ବି କୌଣସି କଥା ଶୁଣାଯିବ ନାହିଁ । ଗ୍ରାହମ ସେହି ରିପବ୍ଲିକ୍ ପାର୍ଟିର ସାଂସଦ ଅଛନ୍ତି, ଯାହାର ନେତା ଡୋନାଲ୍ଡ ଟ୍ରମ୍ପ ଅଛନ୍ତି । ଲିଣ୍ଡସେ ଗ୍ରାହକ ଓ ଜେଲେନସ୍କିଙ୍କ ମଧ୍ୟରେ ଏହି ବିବାଦ ସେତେବେଳେ ଆସିଛି, ଯେବେ ନିକଟରେ ମୁଁ ହ୍ୱାଇଟ୍ ହାଉସରେ ଆମେରିକୀୟ



ରାଷ୍ଟ୍ରପତି ଟ୍ରମ୍ପ ୟୁକ୍ରେନୀ ନେତାଙ୍କ ସହ ଜୋରଦାର ତର୍କ କରିଥିଲେ । ଏମିତି କି ଦୁଇ ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ଏତେ ତୀବ୍ର ହୋଇ ଯାଇଥିଲା ଯେ, ଜେଲେନସ୍କି ବିନା ଭୋଜନରେ ହ୍ୱାଇଟ୍ ହାଉସ୍‌ରୁ ବାହାରି ଯାଇ ଥିଲେ । ଏହି ବୈଠକରେ ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ ଉପସ୍ଥିତ ଥିଲେ । ଜେଲେନସ୍କି ଆମେରିକା ଠାରୁ ଆହୁରି ଅଧିକ ସମର୍ଥନ ଆଶା କରୁଥିଲା ,କିନ୍ତୁ କଥାବାର୍ତ୍ତା ଖୁବ୍ ଶୀଘ୍ର ଉତ୍ତେଜନାପୂର୍ଣ୍ଣ ହୋଇଗଲା । ଟ୍ରମ୍ପ ଜେଲେନସ୍କିଙ୍କୁ ପଚାରିଲେ ୟୁକ୍ରେନ କଣ ରୁଷ୍ ସହ ଶାନ୍ତି ପାଇଁ ନିଜ ମାଟିର କିଛି ଭାଗ ଛାଡ଼ିବାକୁ ପ୍ରସ୍ତୁତ । ଭାନ୍ସ ମଧ ଏହି ଯୁକ୍ତିତର୍କରେ ସାମିଲ ହୋଇଥିଲେ ଏବଂ ଜେଲେନସ୍କିଙ୍କ ଉପରେ ଆମେରିକୀୟ ସାହାଯ୍ୟର ସମ୍ମାନ ନକରିବାର ଅଭିଯୋଗ କରିଥିଲେ । ଜେଲେନସ୍କି ଭାନ୍ସଙ୍କୁ ଜବାବ ଦେଇ କହିଥିଲେ , କେଉଁ ପ୍ରକାରର କୂଟନୀତି , ଜେଡି ? ସେ ବୁଝାଇ ଥିଲେ ଯେ, ରୁଷ୍ ସହ ଶାନ୍ତି ସ୍ଥାପନ କରିବା ପାଇଁ ୟୁକ୍ରେନ ପୂର୍ବରୁ ଅନେକ ଥର ଚେଷ୍ଟା କରିଥିଲା , କିନ୍ତୁ ସେ ସବୁ ବିଫଳ ହୋଇଥିଲା । ଆମେରିକା ଓ ୟୁକ୍ରେନ ମଧ୍ୟରେ ଯେତେ ଯେତେ ଯୁକ୍ତିତର୍କ ବଢ଼ିଲା ଟ୍ରମ୍ପ ଜେଲେନସ୍କିଙ୍କ ଉପରେ ଅଭିଯୋଗ କରିଥିଲେ ଯେ, ସେ ୩ୟ ବିଶ୍ୱଯୁଦ୍ଧ ସହ ଜୁଆ ଖେଳୁଛନ୍ତି । ଜେଲେନସ୍କି ରୁଷ୍ ସହ କରାଯାଇ ଥିବା କୂଟନୀତିକ ଚେଷ୍ଟା କଥା କହିବାରୁ ଭାନ୍ସ ତାଙ୍କୁ ଅକୃତଜ୍ଞ ଓ ଗର୍ବୀ କହିଥିଲେ । ଆମେରିକୀୟ ନେତାମାନେ କହି ଥିଲେ ଯେ, ଜେଲେନସ୍କିଙ୍କର ଆଭିମୁଖ୍ୟ ଅକୃଜ୍ଞତାରେ ଭରପୂରୟ ଖାଲି ଏତିକି ନୁହେଁ , ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ସେହି ସମୟରେ ଉଗ୍ର ରୂପଧାରଣ କଲା , ଯେତେବେଳେ ଜେଲେନସ୍କି କହିଥିଲେ କି ରଷର ଆକ୍ରମଣ ଭବିଷ୍ୟତରେ ଆମେରିକା ପାଇଁ ବିପଦ ସାଜିପାରେ ।

## ସର୍ବନିମ୍ନ ସ୍ତରରେ ଦେଶର ମାନୁଫାକଚରିଂ ସେକ୍ଟର

**ନୂଆଦିଲ୍ଲୀ,୪।୩(ଏଜେନ୍ସି):** ଦେଶର ଅର୍ଥନୀତିକୁ ଲାଗିଛି ଏକ ବଡ଼ ଝଟକା । ମାନୁଫାକଚରିଂ ସେକ୍ଟରରେ ହ୍ରାସ ଏହା ପଛର କାରଣ । ଏହି ସେକ୍ଟରକୁ ନେଇ ଯେଉଁ ତଥ୍ୟ ସାମ୍ନାକୁ ଆସିଛି, ତାହା ଅତ୍ୟନ୍ତ ଚିନ୍ତାଜନକ । ମାନୁଫାକଚରିଂ ସେକ୍ଟରର ଅଙ୍କ ୧୪ ମାସରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ଉତ୍ପାଦନ ହ୍ରାସ କାରଣରୁ ମାନୁଫାକଚରିଂ ସେକ୍ଟରରେ ଏହି ହ୍ରାସ ପରିଲକ୍ଷିତ ହୋଇଛି । ନୂଆ କଣ୍ଟ୍ରାକ୍ଟ ଓ ପ୍ରଡକ୍ସନ ଗ୍ରୋଥ ହ୍ରାସ ମଧ୍ୟରେ ଫେବୃଆରୀରେ ଭାରତର ମାନୁଫାକଚରିଂ ସେକ୍ଟରର ବୃଦ୍ଧି ହାର ୧୪ ମାସରେ ତଳ ସ୍ତରକୁ ଚାଲିଆସିଛି । ଏଚଏସବିସି ଭାରତ ବିନିର୍ମାଣ କ୍ରୟ ପ୍ରବନ୍ଧକ ସୂଚକାଙ୍କ ଫେବୃଆରୀରେ ୫୬.୩ ଅଙ୍କ ରହିଥିଲା, ଯାହାକି ଜାନୁଆରୀର ୫୭.୭ ଅଙ୍କ ଠାରୁ କମ୍ । ପିଏମଆଇ ଭାଷାରେ ୫୦ରୁ ଉପର ଅଙ୍କ ବିସ୍ତାରକୁ ଦର୍ଶାଇଥାଏ ଓ ୫୦ରୁ କମ ଅଙ୍କରେ ରହିଥିଲେ ତାହା ସଙ୍କୋଚନର ସଙ୍କେତ ହୋଇଥାଏ ।

# ଆତ୍ମହତ୍ୟା ଧମକ ଦେଲେ ଆଇଆଇଟି ବାବା

**ନୂଆଦିଲ୍ଲୀ,୪।୩(ଏଜେନ୍ସି):** ବିବାଦରେ ଫସିଲେ ଭାଇରାଲ ଆଇଆଇଟି ବାବା ଅଭୟ ସିଂ । ପୋଲିସ ତାଙ୍କ ଉପରେ ଏକ ମାମଲା ରୁଜୁ କରିଥିବା ନେଇ ଖବର ସାମ୍ନାକୁ ଆସିଛି । ଖବର ମୁତାବକ, ଜୟପୁରର ରିଦ୍ଧି ସିଦ୍ଧି ଅଞ୍ଚଳରେ ଥିବା ଏକ ହୋଟେଲରେ ବାବା ରହିବା ସହିତ ସେଠାରେ ବିବାଦିୟ ପରିସ୍ଥିତି ସୃଷ୍ଟି କରିଥିଲେ । ଏ ଖବର ଥାନାରେ ପହଞ୍ଚିବା ପରେ ଶିପ୍ରା ପଥ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଇଆଇଟି ବାବାଙ୍କୁ ନିଜ ହେପାଜତକୁ ନେଇଥିଲା । ପୋଲିସ



ଘଟଣାସ୍ଥଳରେ ପହଞ୍ଚି ବାବାଙ୍କୁ ହେପାଜତକୁ ନେବାପରେ ରୁମର ତଲାସି କରିଥିଲା । ଆଉ ଏହି ତଲାସିରେ ପୋଲିସକୁ ବାବାଙ୍କ ରୁମରୁ ଅଳ୍ପ ପରିମାଣର ଗଞ୍ଜେଇ ଜବତ କରିଥିଲା । ଯାହା ଆଇନଗତ ଭାବେ ଅପରାଧ ହୋଇଥିଲେ ମଧ ଦଣ୍ଡନୀୟ ନୁହେଁ । ଏଣୁ ପୋଲିସ ବାବାଙ୍କୁ ବୁଝାଇ ଶୁଝାଇ ପୋଲିସ ଷ୍ଟେସନରୁ ଛାଡିଦେଇଥିଲା । ପୋଲିସର ଏହି ପ୍ରକାରର କାର୍ଯ୍ୟାନୁଷ୍ଠାନରେ ଅସନ୍ତୁଷ୍ଟ ଆଇଆଇଟି ବାବା ସାମଜିକ ଗଣମାଧ୍ୟମରେ ଲାଇଭ ଆସି ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ । ଆଉ ଏହା ପରେ ବାବଙ୍କ ସମର୍ଥକଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ତିବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଅନ୍ୟପଟେ ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି ବୋଲି ସୂଚନା ପ୍ରଦାନ କରିଛି । ତେବେ ବାବା ସମସ୍ତ ଆରୋପକୁ ମିଛ ବୋଲି କହିବା ସହ ତାଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା ଯେଉଁଥିରେ ତାଙ୍କୁ ବେଲ ମିଳିଯାଇଛି ବୋଲି ପ୍ରକାଶ କହିଛନ୍ତି ।

# ୟୁପିର ମହିଳାଙ୍କୁ ୟୁଏଇରେ ମିଳିଲା ଫାଶୀ

**ନୂଆଦିଲ୍ଲୀ,୪।୩(ଏଜେନ୍ସି):** ୟୁଏଇର ରାଜଧାନୀ ଆବୁଧାବୀରେ ୪ ମାସର ଶିଶୁକୁ କଥିତ ହତ୍ୟା ମାମଲାରେ ଉତ୍ତର ପ୍ରଦେଶର ମହିଳାଙ୍କୁ ମିଳିଲା ଫାଶୀ । ୟୁପିର ଶହଜାଦି ଖାନ୍‌ଙ୍କୁ ୧୫ ଫେବୃଆରୀରେ ଫାଶୀ ଦିଆଯାଇଛି । ଝିଅର ଜୀବନ ରକ୍ଷା ପାଇଁ ଦିଲ୍ଲୀ ହାଇକୋର୍ଟ ଆବେଦନ କରିଥିବା ମହିଳାଙ୍କ ବାପାଙ୍କୁ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି । ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଜଷ୍ଟିସ୍ ସଚିନ ଦତ୍ତ ଏହାକୁ ଖୁବ୍ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କହିଛନ୍ତି । ବାନ୍ଦା ଜିଲ୍ଲାର ୩୩ ବର୍ଷୀୟ ମହିଳାଙ୍କ ଉପରେ ୪ ମାସର ଶିଶୁକୁ ହତ୍ୟା କରିବା ଅଭିଯୋଗରେ ଅବୁଧାବୀରେ ଫାଶୀ ଦଣ୍ଡ ଦିଆଯାଇଛି । ଆଡିସନାଲ ସଲିସିଟର ଜେନେରାଲ ଚେତନ ଶର୍ମା କୋର୍ଟଙ୍କୁ କହିଛନ୍ତି, ମହିଳାଙ୍କୁ ୧୫ ଫେବୃଆରୀରେ ଫାଶୀ ଦିଆଯାଇଥିଲା । ତାଙ୍କର ଅନ୍ତିମ ସଂସ୍କାର ୫ ମାର୍ଚ୍ଚରେ ହେବ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଶେହଜାଦିଙ୍କ ବାପାଙ୍କୁ ଜଣାଇ ଦିଆଯାଇଛି । ଶହଜାଦି ଖାନ୍‌ଙ୍କୁ ୧୦ ଫେବୃଆରୀ ୨୦୨୩ ରେ ଆବୁଧାବୀ ପୋଲିସକୁ ହସ୍ତାନ୍ତର କରାଯାଇଥିଲା । ୩୧ ଜୁଲାଇ ୨୦୨୩ରେ ତାଙ୍କୁ ଫାଶୀ ସଜା ଶୁଣାଯାଇଥିଲା । ଶହଜାଦିଙ୍କ ବାପା ଶବୀର ଖାନ୍ କହିଛନ୍ତି, ତାଙ୍କ ଝିଅର ସ୍ଥିତିକୁ ନେଇ ଘୋର ଅନିଶ୍ଚିତତା ଲାଗି ରହିଥିଲା । ସ୍ଥିତି ଜାଣିବାକୁ ସେ ବାରମ୍ବାର ବୈଦେଶିକ ମନ୍ତ୍ରଣାଳୟ ନିକଟରେ ଆବେଦନ କରିଥିଲେ । ହେଲେ ସବୁ ଚେଷ୍ଟା ବିଫଳ ହୋଇଥିଲା । ଶେହଜାଦିଙ୍କ ଉପରେ ଅଭିଯୋଗ ଥିଲା ସେ ତାଙ୍କ ନିଯୁକ୍ତିଦାତାଙ୍କ ୪ ମାସର ପୁଅକୁ ହତ୍ୟା କରିଛନ୍ତି । ତେବେ ତାଙ୍କ ବାପା କହିଛନ୍ତି, ମୋ ଝିଅକୁ ନିଜର ପକ୍ଷ ରଖିବାକୁ ସୁଯୋଗ ଦିଆଗଲାନି । ଅପରାଧ ସ୍ୱୀକାର କରିବାକୁ କେବଳ ଚାପ ପକାଗଲା, ଯେଉଁ କାରଣରୁ ତାଙ୍କୁ ଫାଶୀ ଦିଆଗଲା ।

# ଶୀଘ୍ର ଶୀଘ୍ର ସନ୍ତାନ ଜନ୍ମ କରନ୍ତୁ, ନଚେତ ଲୋକସଭା ଆସନ ହ୍ରାସ ପାଇଯିବ

**ଚେନ୍ନାଇ,୪।୩(ଏଜେନ୍ସି):** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ଅଦ୍ଭୁତ ବୟାନ । ଏବେ ସେ ନିଜ ରାଜ୍ୟର ଲୋକମାନଙ୍କୁ ଅଧିକ ସନ୍ତାନ ଜନ୍ମ କରିବାକୁ ନିବେଦନ କରିଛନ୍ତି । ସୀମା ନିର୍ଦ୍ଧାରଣ ଏବଂ ଜାତୀୟ ଶିକ୍ଷା ନୀତି (ଘରଚ) ପ୍ରସଙ୍ଗରେ ସେ ସୋମବାର ଏଭଳି କିଛି କହିଛନ୍ତି । ଷ୍ଟାଲିନଙ୍କ ମତରେ ଜନସଂଖ୍ୟା ଆଧାରିତ ସୀମା ନିର୍ଦ୍ଧାରଣ ତାମିଲନାଡୁର ସଂସଦୀୟ ଆସନ ହ୍ରାସ କରିପାରେ । ତେଣୁ ସେ ଲୋକମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ମତାମତକୁ ପାଶୋରି ଏହି ଆବେଦନକୁ ଗମ୍ଭୀରତାର ସହ ବିଚାର କରିବାକୁ ଅନୁରୋଧ କରିଥିଲେ । ଷ୍ଟାଲିନ ନାଗାଇ ଜିଲ୍ଲାର ପାର୍ଟି ସମ୍ପାଦକଙ୍କ ବିବାହରେ ଯୋଗ ଦେଇଥିଲେ । ସେଠାରେ ସେ ଜନସଂଖ୍ୟା ଏବଂ ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ଏଭଳି କିଛି କହିଛନ୍ତି । ଏହି ସମୟରେ ଷ୍ଟାଲିନ୍ କହିଥିଲେ, ଆମେ କହୁଥିଲୁ, ସନ୍ତାନ ଜନ୍ମ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କର । ବର୍ତ୍ତମାନ ପରିସ୍ଥିତି ବଦଳି ଯାଇଛି । ଏବେ ଆମକୁ କହିବାକୁ ପଡିବ, ଶୀଘ୍ର ଏକ ସନ୍ତାନ ଜନ୍ମ କର । ଆମେ ପରିବାର ନିୟୋଜନକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛୁ । ଏବେ ସେଥିପାଇଁ ଆମେ ଏହି ପରିସ୍ଥିତିର ସମ୍ମୁଖୀନ ହେଉଛୁ । ମୁଖ୍ୟମନ୍ତ୍ରୀ ନବବିବାହିତ ଦମ୍ପତିଙ୍କୁ ଶୀଘ୍ର ପରିବାର ଆରମ୍ଭ କରିବାକୁ ଉତ୍ସାହିତ କରିଛନ୍ତି । ସେ କହିଛନ୍ତି ଏପରି କରିବା ଦ୍ୱାରା



ସୀମା ନିର୍ଦ୍ଧାରଣ ପରେ ପର୍ଯ୍ୟାପ୍ତ ରାଜନୈତିକ ପ୍ରତିନିଧିତ୍ୱ ସୁନିଶ୍ଚିତ ହେବ । ଏହି ପ୍ରକ୍ରିୟା ଭାରତୀୟ ସମ୍ବିଧାନର ଧାରା ୮୨ ଏବଂ ୧୭୦ ଅନୁଯାୟୀ ସାମ୍ବିଧାନିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ । ଧାରା ୮୨ ଅନୁଯାୟୀ, ପ୍ରତ୍ୟେକ ଜାତୀୟ ଜନଗଣନା ପରେ, ସଂସଦକୁ ଲୋକସଭା ନିର୍ବାଚନମଣ୍ଡଳୀର ସୀମା ଏବଂ ସଂଖ୍ୟା ପୁନଃନିର୍ମାଣ କରିବା ପାଇଁ ଏକ ସୀମା ନିର୍ଦ୍ଧାରଣ ଆଇନ ପ୍ରଣୟନ କରିବାକୁ ପଡିବ । ଧାରା ୧୭୦ ରାଜ୍ୟ ବିଧାନସଭା ସୀମା ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶାବଳୀ ସ୍ଥାପନ କରେ, ଯାହା ଜନସଂଖ୍ୟା ତଥ୍ୟ ଆଧାରରେ ଆସନ ବଣ୍ଟନ ନିର୍ଦ୍ଧାରିତ କରେ । ଷ୍ଟାଲିନ୍ ଏହି ପ୍ରସଙ୍ଗକୁ ତାମିଲନାଡୁ ଉପରେ ଝୁଲୁଥିବା ଖଣ୍ଡା ବୋଲି କହିଛନ୍ତି । ସେ କହିଛନ୍ତି, ସୀମା ନିର୍ଦ୍ଧାରଣ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ତାମିଲନାଡୁରେ ଲୋକସଭା ଆସନ ସଂଖ୍ୟା ହ୍ରାସ କରିବ । ସୀମା ନିର୍ଦ୍ଧାରଣ ଉପରେ ଆମର ମତ ଉପରେ ଆଲୋଚନା କରିବା ପାଇଁ ମୁଁ ମାର୍ଚ୍ଚ ୫ରେ ଏକ ସର୍ବଦଳୀୟ ବୈଠକ ଡାକିଛି । ନିର୍ବାଚନ କମିଶନଙ୍କ ପାଖରେ ପଞ୍ଜିକୃତ ୪୦ ଟି ରାଜନେନିକ ଦଳକୁ ନିମନ୍ତ୍ରଣ କରାଯାଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ହଁ କହିଛନ୍ତି, କିଛି ଏହାକୁ ଏଡ଼ାଇ ଯାଉଛନ୍ତି । କିନ୍ତୁ ସେମାନଙ୍କୁ ବୁଝିବା ଉଚିତ ଯେ ଏହା ଡିଏମକେର ସମସ୍ୟା ନୁହେଁ, ଏହା ସମଗ୍ର ରାଜ୍ୟର ସମସ୍ୟା । ତେଣୁ ମୁଁ ପୁଣିଥରେ ସମସ୍ତଙ୍କୁ ଏହି ରାଜ୍ୟର କଲ୍ୟାଣ ଏବଂ ଏହାର ଅଧିକାର ପାଇଁ ଏକାଠି ଠିଆ ହେବାକୁ ଅନୁରୋଧ କରୁଛି ।

ଭୁବନେଶ୍ୱର, ବୁଧବାର ୦୫, ମାର୍ଚ୍ଚ ୨୦୨୫
Bhubaneswar, Wednesday 05, March, 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ଧାୱନ ଓ ସଚିନଙ୍କ ରେକର୍ଡ ଭାଙ୍ଗିଲେ କୋହଲି



ଦୁବାଇ,୪।୩: ୨୦୨୫ ଚମ୍ପିଅନ୍ସ ଟ୍ରଫିର ସେମିଫାଇନାଲ ମ୍ୟାଚ୍‌ରେ ବିରାଟ କୋହଲି ଏକ ବଡ଼ ସଫଳତା ହାସଲ କରିଛନ୍ତି। ସେ ଏବେ ଏହି ଟୁର୍ନାମେଣ୍ଟରେ ସର୍ବାଧିକ ରନ ସ୍କୋର କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ହୋଇସାରିଛନ୍ତି।ସେ ପୂର୍ବତନ ଭାରତୀୟ ଖେଳାଳି ଶିଖର ଧାୱନଙ୍କ ରେକର୍ଡ ଭାଙ୍ଗିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ୪୦ ରନ୍ କରିବା ପରେ ସେ ଏହି ସଫଳତା ପାଇଥିଲେ। ଧାୱନ ଏହି ଟୁର୍ନାମେଣ୍ଟର ୧୦ଟି ମ୍ୟାଚ୍‌ରେ ୭୦୧ ରନ କରିଥିଲେ। କୋହଲି ଏବେ ଏହି ସଂଖ୍ୟା ଅତିକ୍ରମ କରିସାରିଛନ୍ତି। ଏହାର ଅର୍ଥ ହେଉଛି ଯେ ସେ ଏହି ଟୁର୍ନାମେଣ୍ଟରେ ରନ ସ୍କୋର କରିବା ମାମଲାରେ ନୂତନ ଭାରତୀୟ କିଙ୍ଗ୍ ପାଲଟିଛନ୍ତି। ଏହା ବ୍ୟତୀତ ସେ ସଚିନଙ୍କ ଏକ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି।


ବିରାଟ କୋହଲି କେବଳ ଶିଖର ଧାୱନଙ୍କୁ ପଛରେ ପକାଇ ନାହାନ୍ତି ବରଂ ସଚିନଙ୍କ ଆଉ ଏକ ବିଶ୍ୱ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। କଙ୍ଗାରୁ ଦଳ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କୋହଲି ମଧ୍ୟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ସହିତ ସେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି ଏବଂ ଟୁର୍ନାମେଣ୍ଟରେ ସର୍ବାଧିକ ୫୦+ ସ୍କୋର କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ପାଲଟିଛନ୍ତି। ଏହା ପୂର୍ବରୁ ଏହି ବିଶ୍ୱ ରେକର୍ଡ ସଚିନଙ୍କ ନାମରେ ଥିଲା, ଯିଏ ୫୮ ଇନିଂସରେ ୨୩ ଥର ଏହି ସଫଳତା ହାସଲ କରିଥିଲେ। କୋହଲି ଏବେ ୫୩ ଇନିଂସରେ ୨୪ ଥର ୫୦ ରୁ ଅଧିକ ରନ୍ କରିସାରିଛନ୍ତି। ଭାରତୀୟ ଅଧିନାୟକ ରୋହିତ ଶର୍ମା ୪୨ ଇନିଂସରେ ୧୮ ୫୦+ ସ୍କୋର ସହିତ ଏହି ତାଲିକାରେ ତୃତୀୟ ସ୍ଥାନରେ, କୁମାର ସାଙ୍ଗାକାରା (୧୭) ଚତୁର୍ଥ ଏବଂ ରିକି ପଣ୍ଟିଂ (୧୬) ପଞ୍ଚମ ସ୍ଥାନରେ ଅଛନ୍ତି।

ସେମିଫାଇନାଲରେ ବିରାଟ କୋହଲି ମଧ୍ୟ ଏକଦିବସୀୟ ମ୍ୟାଚ୍‌ରେ ୮୦୦୦ ରନ ପୂରଣ କରିଛନ୍ତି। ସେ ମାତ୍ର ୧୫୯ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ସଚିନଙ୍କ ପରେ ଏପରି କରିବାରେ ସେ କେବଳ ଦ୍ୱିତୀୟ ଖେଳାଳି ସଚିନ ତେନ୍ଦୁଲକର ତାଙ୍କ ଏକଦିବସୀୟ କ୍ୟାରିୟରରେ ୨୩୨ ଇନିଂସରେ ୮୭୨୦ ରନ କରିଥିଲେ।

ମ୍ୟାଚ୍‌ରେ କୋହଲି ନିଜ ନାମରେ ଆଉ ଏକ ବଡ଼ ରେକର୍ଡ କରିଛନ୍ତି। ତଥାପି ସେ ଫିଲ୍ଡିଂ ସମୟରେ ଏହି ବଡ଼ ରେକର୍ଡ କରିଥିଲେ। କୋହଲି ଭାରତ ପାଇଁ ସର୍ବାଧିକ ଆନ୍ତର୍ଜାତୀୟ କ୍ୟାଚ୍ ନେବାର ରେକର୍ଡ ନିଜ ନାମରେ କରିଛନ୍ତି। ବିରାଟ ଏହି ବଡ଼ ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି।ବିରାଟଙ୍କ ପାଖରେ ଏବେ ସମସ୍ତ ଫର୍ମାଟରେ ୩୩୫ଟି କ୍ୟାଚ୍ ନେବା ସାମିଲ ଅଛି।ଏହି ମାମଲାରେ ସେ ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇ ଦେଇଛନ୍ତି। ବିରାଟ ତାଙ୍କର ୫୪୯ତମ ମ୍ୟାଚ୍‌ରେ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି।

## ସୁଶୀଲଙ୍କୁ ଜାମିନ

ନୂଆଦିଲ୍ଲୀ,୪।୩: ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ମାର୍ଚ୍ଚ ୪ ତାରିଖରେ କୁସ୍ତିଯୋଦ୍ଧା ସୁଶୀଲ କୁମାରଙ୍କୁ ସାଗର ଧନଖଡ଼ଙ୍କ ହତ୍ୟାକାଣ୍ଡ ମାମଲାରେ ଜାମିନ ଦେଇଛନ୍ତି। ୨୦୨୧ରେ ମଇ ୪ ତାରିଖରେ ସୁଶୀଲ କୁମାର ଛତ୍ରସାଲ ଷ୍ଟାଡିୟମରେ କୁସ୍ତିଯୋଦ୍ଧା ଖେଳ ଆୟୋଜନ କରିଥିଲେ ଏହି ସମୟରେ ଜୁନିଅର କୁସ୍ତିଯୋଦ୍ଧା ସାଗର ଧନଖଡଙ୍କ ଉପରେ କୌଣସି କାରଣରୁ ସୁଶୀଲ କୁମାର ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସାଗରଙ୍କ ଜୀବନ ଚାଲିଯାଇଥିଲା । ଏହି ହତ୍ୟା ଘଟଣାରେ ସୁଶୀଲ କୁମାରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ସାଗରଙ୍କୁ ହତ୍ୟା କରିବାରେ ସୁଶୀଲଙ୍କ ବ୍ୟତୀତଙ୍କ ତାଙ୍କ ସାଙ୍ଗ ସୋନୁ ଏବଂ ଅନ୍ୟ ୩ ଜଣଙ୍କ ହାତ ରହିଥିବା



ପୁଲିସ ସୂତ୍ରରୁ ସୂଚନା ମିଳିଥିଲା।ସୁଶୀଲ କୁମାରଙ୍କୁ ହାଇକୋର୍ଟର ବିଚାରପତି ସଞ୍ଜୀବ ନରୁଲା ୫୦ ଟଙ୍କାର ବଣ୍ଡରେ ଜାମିନ ଦେଇଛନ୍ତି। ଏକ ସମ୍ପତ୍ତି ମାମଲାକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା। ଏହାପୂର୍ବରୁ ଜୁଲାଇ ୨୦୨୩ରେ ସୁଶୀଲଙ୍କ ଆଣ୍ଠୁର ଅସ୍ତ୍ରୋପଚାର ପାଇଁ ୭ ଦିନର ଅନ୍ତରୀଣ ଜାମିନ ମିଳିଥିଲା। ଦୁଇ ଥର ଅଲମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାର ଛତ୍ରସାଲ ଷ୍ଟାଡିୟମ ଅଖାଡାରୁ ମାତ୍ର ୧୪ ବର୍ଷ ବୟସରେ ନିଜ କ୍ୟାରିଅର ଆରମ୍ଭ କରିଥିଲେ।

## ପାକିସ୍ତାନ ଉପରୁ ହଟିଲା ବାସନ୍ଦ

ଲାହୋର,୪।୩: ପାକିସ୍ତାନ ଫୁଟବଲ ଫେଡେରେଶନ (ପିଏଫଏଫ) ତାର ସମ୍ବିଧାନରେ ଆବଶ୍ୟକୀୟ ପରିବର୍ତ୍ତନ କରିବା ପରେ ଏହା ଉପରୁ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ବାସନ୍ଦ ହଟାଇଛି। ଫେଡେରେଶନ ପରିଚାଳନାରେ ସ୍ୱଚ୍ଛତା ଲାଗି ସମ୍ବିଧାନରେ ଆବଶ୍ୟକ ଥିବା ପରିବର୍ତ୍ତନ ନ କରିବାରୁ ଫିଫା ଗତ ଫେବୃଆରୀ ୫ ତାରିଖରେ ପିଏଫଏଫକୁ ବାସନ୍ଦ କରିଥିଲା। ତେବେ ଗତ ଗୁରୁବାର ପିଏଫଏଫ କଂଗ୍ରେସ ସଦସ୍ୟ ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ ଲାଗି ଏକମତ ହୋଇଥିଲେ।। ଜୁନଠାରୁ ଫିଫା ଦ୍ୱାରା ନିଯୁକ୍ତ ନର୍ମାଲାଇଜେଶନ କମିଟି ପାକିସ୍ତାନ ଫୁଟବଲ ପରିଚାଳନା ଦାୟିତ୍ୱରେ ଥିଲା ।

## ଟି-୨୦ରୁ ତଡ଼ା ଖାଇଲେ ବାବର ଓ ରିଜୱାନ



କରାଚୀ,୪।୩:ପାକିସ୍ତାନର ଅଧିନାୟକ ମହମ୍ମ ରିଜାନ ଓ ଷ୍ଟାର ବ୍ୟାଟର ବାବର ଆଜମଙ୍କ ବିରୋଧରେ ବଡ଼ ପଦକ୍ଷେପ ନେଇଛି ପାକିସ୍ତାନ କ୍ରିକେଟ ବୋର୍ଡ। ଚମ୍ପିୟନ୍ସ ଟ୍ରଫିରେ ନୈରାଶ୍ୟଜନ ପ୍ରଦର୍ଶନ ପରେ ଉଭୟଙ୍କୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୫ ଟିକିଅ। ଟି-୨୦ ସିରିଜରୁ ବାଦ ଦିଆଯାଇଛି।ରିଜୱାନଙ୍କ ଠାରୁ ଟି-୨୦ର ଅଧିନାୟକ ପଦ ଛଡ଼ାଇ ନିଆଯାଇଛି। ତାଙ୍କ ବଦଳରେ ଏଣିକି ଟି-୨୦ରେ ପାକିସ୍ତାନର ମଙ୍ଗ ସଲମାନ ଅଲୀ ଆଘା ସମ୍ଭାଳିବେ। ସେହିପରି ଅଲରାଉଣ୍ଡର ଶଦାବ ଖାନଙ୍କୁ ପୁଣି ଜାତୀୟ ଟିମରୁ ଡକରା ମିଳିଛି। ତାଙ୍କୁ ଟି-୨୦ ସ୍କ୍ୱାଡରେ ସାମିଲ କରାଯିବା ସହ ଉପ ଅଧିନାୟକ ପଦ ଦିଆଯାଇଛି।ଅନ୍ୟପକ୍ଷରେ ଚମ୍ପିୟନ୍ସ ଟ୍ରଫିରେ ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ରିଜୱାନ ଦିନିକିଆ ଅଧିନାୟକ ପଦ କାଏମ ରଖିଛନ୍ତି। ବାବର ମଧ୍ୟ ଦିନିକିଅ। ସ୍କ୍ୱାଡରେ ରହିଛନ୍ତି। ଦିନିକିଆ ସ୍କ୍ୱାଡରେ ଚୟନକର୍ତ୍ତା ବିଶେଷ କିଛି ପରିବର୍ତ୍ତନ କରିନାହାନ୍ତି। ଚମ୍ପିୟନ୍ସ ଟ୍ରଫିରେ ଫ୍ଲପ ହୋଇଥିବା ଅଧିକାଂଶ ଖେଳାଳି ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦିନିକିଅ। ସିରିଜ ପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ଅଛନ୍ତି।ତେବେ ସ୍କ୍ୱାଡରୁ ସୌଦ ସକୀଲ ଓ କମରାନ ଗୁଲାମ ବାଦ ପଡ଼ିଛନ୍ତି। ଚୟନକର୍ତ୍ତା ଦିନିକିଅ। ସ୍କ୍ୱାଡରୁ ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦି ଓ ହ୍ୟାରିଶ ରୌଫଙ୍କୁ ମଧ୍ୟ ବାଦ ଦେଇଛନ୍ତି। ପାକିସ୍ତାନ ମାର୍ଚ୍ଚ ୧୬ରୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। **ଦିନିକିଆ ସ୍କ୍ୱାଡ:** ମହମ୍ମଦ ରିଜାନ(ଅଧିନାୟକ), ସଲମାନ ଅଲୀ ଆଘା(ଉପ ଅଧିନାୟକ), ଅବଦୁଲ୍ଲା ଶଫିକ୍ୟୁ, ଅବରାର ଅହମଦ, ଅକିଫ ଜାଭେଦ, ବାବର ଆଜମ, ଫହୀମ ଅଶରଫ, ଇମାମ ଉଲ ହକ, ଖୁଶଦିଲ ଶାହ, ମହମ୍ମଦ ଅଲୀ, ମହମ୍ମଦ ୱସିମ ଜୁନିୟର, ମହମ୍ମଦ ଇରଫାନ, ନଶୀମ ଶାହ, ସୁଫିୟାନ ମୋକୀମ ଓ ତାୟବ ତାହିର। **ଟି-୨୦ ସ୍କ୍ୱାଡ:** ସଲମାନ ଅଲୀ ଆଘା(ଅଧିନାୟକ), ଶଦାବ ଖାନ(ଉପ ଅଧିନାୟକ), ଅବଦୁଲ ସମାଦ, ହ୍ୟାରିଶ ରୌଫ, ହାସନ ନାଜ, ଜାହାନଦାଦ ଖାନ, ଖୁଶଦିଲ ଶାହ, ମହମ୍ମଦ ଆବାସ ଆଫ୍ରିଦି, ମହମ୍ମଦ ଅଲୀ, ମହମ୍ମଦ ହ୍ୟାରିଶ, ମହମ୍ମଦ ଇରଫାନ ଖାନ, ଓମୈର ବିନ ୟୁସୁଫ, ଶାହୀନ ଶାହ ଆଫ୍ରିଦି, ସୁଫିୟାନ ମୋକୀମ ଓ ଉସମାନ ଖାନ।

DADLS-103



ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ
ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

OIPR: 15001/13/0440/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ